Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 265
Tuesday, 02 December 2025
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୦୨ ଡିସେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଓଡ଼ିଶାରୁ ତଡ଼ା ହେବେ ସବୁ ବାଂଲାଦେଶୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧/୧୨ (ଆ.ପ୍ର) : ବାଂଲାଦେଶୀଙ୍କୁ ନେଇ ସାରା ରାଜ୍ୟରେ ଜୋରଦାର ଧରପଗଡ଼ ଚାଲିଥିବା ବେଳେ ବିଧାନସଭାରେ ଲିଖିତ ଉତ୍ତରରେ ଚାଂଚଲ୍ୟକର ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବର୍ତ୍ତମାନ ସୁଦ୍ଧା ମୋଟ୍ ୧୭ଶହ ୬୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଂଚ କରାଯାଇଛି । ସେଥିରୁ ଚିହ୍ନଟ ହୋଇଛନ୍ତି ୫୧ ବାଂଲାଦେଶୀ । ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ବାଂଲାଦେଶ ତଡ଼ିପାର କରାଗଲାଣି । ଯେଉଁଥିରେ ଖୋର୍ଦ୍ଧାରୁ ୨୪, କଟକରୁ ବିଦା ହୋଇଛନ୍ତି ୧୫ ଜଣ । ସେହିପରି ଗଞ୍ଜାମରୁ ୬, କନ୍ଧମାଳରୁ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରି ନିଜ ଦେଶକୁ ପଠାଯାଇଛି । ସେହିପରି ଆଉ ୨ ବାଂଲାଦେଶୀ ଜାଲ୍ ପାସପୋର୍ଟ କରି ଧରାପଡ଼ିଛନ୍ତି । ସେମାନଙ୍କ ବିରୋଧରେ ମାମଲା ହୋଇଛି । ବିଧାନସଭାରେ ଏହି ତଥ୍ୟ ସାମନାକୁ ଆସିବା ପରେ ଜୋର ଧରିଛି ଆରୋପ ପ୍ରତ୍ୟାରୋପ । ବାଂଲାଦେଶୀଙ୍କୁ ଚିହ୍ନଟ ଓ ଦେଶାନ୍ତର ତଡ଼ିପାର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବାକୁ ଗୁଇନ୍ଦା ବିଭାଗ ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ଅବୈଧ ବାଂଲାଦେଶୀ ଅନୁପ୍ରବେଶ ଜିଲ୍ଲାଗୁଡ଼ିକୁ ଲଗାତାର ପରିଦର୍ଶନ କରୁଛନ୍ତି । ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ତଡିପାର କରାଯାଉଛି । ଏଥିପାଇଁ ୧୮ଟି ଜିଲ୍ଲାସ୍ତରୀୟ ଓ ୨ଟି ରାଜ୍ୟସ୍ତରୀୟ ଅଟକ କେନ୍ଦ୍ର ଖୋଲା ଯାଇଛି । ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ କମିଟି ଦ୍ୱାରା ବାଂଲାଦେଶୀଙ୍କୁ ତଡ଼ିପାର ପାଇଁ ଏସପିଙ୍କ କଡ଼ା ନିର୍ଦ୍ଦେଶ ରହିଛି । ସ୍ୱତନ୍ତ୍ର ଆପ ଜରିଆରେ ଚିହ୍ନଟ ହେଉଛନ୍ତି ଅନୁପ୍ରବେଶକାରୀ । ଓଡ଼ିଶାକୁ ବଢ଼ିଛି ବାଂଲାଦେଶୀ ବିପଦ । ଉପକୂଳ ଜିଲ୍ଲାଗୁଡ଼ିକରେ ନକଲି କାଗଜପତ୍ର ହାତେଇ ଆସ୍ଥା ଜମାଇ କାୟା ମେଲାଇଛନ୍ତି । ନିକଟରେ ଜଗତସିଂହପୁର ଜିଲ୍ଲା ବେହେରାମପୁର ବସ୍ତିରେ ଚଢ଼ାଉ ବେଳେ ସାମନାକୁ ଆସିଥିଲା ବେଆଇନ ବାଂଲାଦେଶୀଙ୍କ ଖତରନାକ କାରନାମା । ସରକାରୀ ଜାଗାରେ ବେଆଇନ ଭାବେ ନିର୍ମିତ ହୋଇଥିବା ୧୦ ବଖରା ଘରେ ୪ ବର୍ଷ ଧରି ୪୦ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ଆସ୍ଥା ଜମାଇଥିଲେ । ପାଖରେ ରଖୁଥିଲା ଖଣ୍ଡା, କାତି, ବନ୍ଧୁକ ଭଳି ପୁରା ପୁରା ମାରଣାସ୍ତ୍ର । ସେମାନଙ୍କର ବେଆଇନ୍ ଘରକୁ ପ୍ରଶାସନ ମାଟିରେ ମିଶାଇବା ସହ ଜିଲ୍ଲାରେ ଆରମ୍ଭ ହୋଇଥିଲା ଅପରେସନ୍ ବାଂଲାଦେଶୀ । ପଡ଼ୋଶୀ କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଜୋରଦାର ହୋଇଥିଲା ଧରପଗଡ଼ । ଜଗତସିଂହପୁରରୁ ୨୦ ବାଂଲାଦେଶୀଙ୍କୁ ଚିହ୍ନଟ କରି ପଠାଯାଇଛି ଆଠଗଡ଼ ସେଲଟର ହୋମ । ସେମାନଙ୍କୁ ଶରଣ ଦେଇଥିବା ମାମଲାରେ ମାଷ୍ଟରମାଇଣ୍ଡ ସିକନ୍ଦର ଆଲାମ, ତାର ଭାଇ, ଦୁଇ ଭଉଣୀ ଓ ଜଣେ ସମ୍ପର୍କୀୟଙ୍କୁ ମିଶାଇ ପୋଲିସ ୫ ଜଣଙ୍କୁ ଗିରଫ କରିଥିଲା ।

୪ ସୁନାଝିଅଙ୍କୁ ସମ୍ବର୍ଦ୍ଧିତ ସହ ୧୧ ଲକ୍ଷ ଲେଖାଏଁ ପୁରସ୍କାର ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧/୧୨ (ଆ.ପ୍ର) : ବିଶ୍ୱ ବିଜୟିନୀ ହୋଇ ଫେରିଲେ ଓଡିଶାର ୪ ସୁନାଝିଅ । ମହିଳା ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍ ଭାରତୀୟ ଦଳରେ ଥିବା ଓଡ଼ିଶାର ୪ ଜଣ ଖେଳାଳି ଆଜି ଓଡିଶା ଫେରିଛନ୍ତି । ବିମାନବନ୍ଦରରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ୪ ଖେଳାଳି ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ, ଏବଂ ବାସନ୍ତୀ ହାଁସଦା ଓଡିଶା ପାଇଁ ଗର୍ବ ଆଣିଥିବା ବେଳେ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ଆଜି ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ୨୦୨୫ର ବିଜୟୀ ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଶାର ୪ ଜଣ ସୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କଲି । ଫୁଲ ସୋରେନ, ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ, ଏବଂ ବାସନ୍ତୀ ହାଁସଦାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଦେଶ ଓ ରାଜ୍ୟ ପାଇଁ ଅତୁଳନୀୟ ଗୌରବ ଆଣିଛି । ସେମାନଙ୍କର ଏହି ମହାନ ସଫଳତା ପାଇଁ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଛି ।ଆପଣମାନଙ୍କର ନିଷ୍ଠା, ଅଧ୍ୟବସାୟ ଓ ଖେଳ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ । ଆପଣମାନଙ୍କ ସଫଳତା ପ୍ରମାଣ କରେ ଯେ ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସବୁ ବାଧାବିଘ୍ନକୁ ଅତିକ୍ରମ କରିହେବ । ମୁଁ ଆଶା କରୁଛି, ଏହି ବିଜୟ ଯାତ୍ରା ଆତ୍ମବିଶ୍ୱାସ ସହ ଆଗକୁ ମଧ୍ୟ ଜାରି ରହୁ । ଖେଳ ଜଗତରେ ଓଡ଼ିଶାର ନାମକୁ ଏହିପରି ଉଜ୍ଜ୍ୱଳ କରି ଚାଲନ୍ତୁ । ସମସ୍ତଙ୍କୁ ମୋର ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ । ସେହିପରି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବି ଓଡିଶାକୁ ଗୌରବ ଆଣି ଦେଇଥିବା ଖେଳାଳିଙ୍କ ସହ ଫଟୋ ସେୟାର କରିଛନ୍ତି ଆଉ ଲେଖିଛନ୍ତି- ପ୍ରଥମ ଦୃଷ୍ଟିହୀନ T-20 ବିଶ୍ୱକପ୍-୨୦୨୫ ଚାମ୍ପିଅନସ ଟିମର ପ୍ରତିଭାବାନ୍ ଓଡ଼ିଆ କ୍ରିକେଟର ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି ଉତ୍ତମ ଖେଳ ପ୍ରଦର୍ଶନ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି । ଆଜି ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ଏହି ବିଜୟ ପାଇଁ ସେମାନଙ୍କୁ ପୁରସ୍କୃତ କରିଛନ୍ତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅନେକ ଶୁଭେଚ୍ଛା ।

ବଦଳିଲା ରାଜଭବନ ନାଁ , ହେଲା ଲୋକଭବନ

ଭୁବନେଶ୍ୱର, ୧/୧୨ (ଆ.ପ୍ର) : ବଦଳିଲା ରାଜଭବନ ନାଁ । ରାଜଭବନ ହେଲା ଲୋକଭବନ । ଭୁବନେଶ୍ୱର ଓ ପୁରୀ ରାଜଭବନ ନାଁ ହେଲା ଲୋକଭବନ । ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି । ୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିଶ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ ? ?କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା । ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ରାଜ୍ୟପାଳ କହିଛନ୍ତି ଯେ, 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ । ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ । ' ଲୋକ ଭବନ ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବରେ କାର୍ଯ୍ୟ କରି ।ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି ।ଏହି ନାମ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜ ଭବନକୁ ' ଲୋକ ଭବନ ' ଭାବରେ ନାମକରଣ କରିବା ଏକ ମାଇଲଖୁଂଟ ଓ ଏହା ଗୌରବ, ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ ।

ପୁଣି କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ର ଆତ୍ମହତ୍ୟା ଅଭିଯୋଗ: ହଷ୍ଟେଲ ଭିତରୁ ମିଳିଲା ଝୁଲନ୍ତା ମୃତଦେହ

ଭୁବନେଶ୍ୱର, ୨/୧୨ (ଆ.ପ୍ର) : କିଟ୍‌ରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା । କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷ ଛାତ୍ର ରାହୁଲ ଯାଦବଙ୍କ ସନ୍ଦେହଜନକ ଭାବେ ମୃତ ଦେହ ଉଦ୍ଧାର, ହଷ୍ଟେଲ ଭିତରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ମିଳିଛି ଛାତ୍ରଙ୍କ ମୃତ ଦେହ । ଛାତ୍ରଙ୍କ ଘର ଛତିଶଗଡ଼ ବୋଲି ଜଣା ପଡ଼ିଛି, ଇନ୍‌ଫୋସିଟି ଥାନା ପୁଲିସ୍ ମୃତ ଦେହ ଜବତ କରିଥିବା ବେଳେ ତାଙ୍କ ବାପା ମା ଙ୍କ ଆସିବାକୁ ଅପେକ୍ଷା କରିଛି । ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ । ଗତକାଲି ରାତିରେ ଛାତ୍ର ଜନକ ଆତ୍ମହତ୍ୟା କରିଥିବା ନେଇ ସୂଚନା ମିଳିଛି । ଗତକାଲି ରାତିରେ ଫ୍ୟାନରେ ଝୁଲି ପଡ଼ି ଜୀବନ ହାରିଥିବା କୁହାଯାଉଛି । ରାହୁଲ ଏକ ସିଙ୍ଗଲ ରୁମ୍‌ରେ ରହୁଥିଲେ । ଘଟଣା ସଂପର୍କରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି । ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ପୁଲିସ ତଦନ୍ତ କରିବା ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ । ତେବେ କିଟ୍‌ରେ ବାରମ୍ବାର ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଉକ୍ତ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ରୀ ତ୍ରିସା ଓରଫ

ଶନି(୧୮) ଗତ ମଇ ୨ ତାରିଖରେ ଆତ୍ମହତ୍ୟା କରିଥିଲେ । ଏ ନେଇ ଇନ୍‌ଫୋସିଟି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । ଘଟଣାସ୍ଥଳରୁ ମୃତ ଛାତ୍ରୀଙ୍କ ମୋବାଇଲ୍, ଲ୍ୟାପଟପ୍ ଓ କିଛି ଖାତାକୁ ଜବତ କରି ଯାଂଚ ପାଇଁ ରାଜ୍ୟ ଫରେନସିକ୍ ଲାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯାଇଥିଲା । ଏହି ଘଟଣାରେ ନେପାଳର ବୈଦେଶିକ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ । ତ୍ରିସା ଗତ ୮ ମାସ ହେଲା କମ୍ପ୍ୟୁଟର ସାଇନ୍ସ ବିଭାଗରେ ନାମ ଲେଖାଇଥିଲେ । ୪ ମାସ ହେବ 'କିଟ୍' ହଷ୍ଟେଲରେ ରହୁଥିଲେ । ଚଳିତ ଗ୍ରୀଷ୍ମ ଛୁଟିରେ ନେପାଳର ସମସ୍ତ ଛାତ୍ରଛାତ୍ରୀ ଘରକୁ ଚାଲିଯାଇଥିଲେ ହେଁ କ୍ୟାଶସ୍ ପରୀକ୍ଷା ପାଇଁ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ହଷ୍ଟେଲରେ ରହିଥିଲେ । ଗୁରୁବାର ସନ୍ଧ୍ୟାରେ ତ୍ରିସାଙ୍କ ସାଙ୍ଗମାନେ ବାହାରକୁ ଯାଇଥିଲେ ହେଁ ସେ ହଷ୍ଟେଲରେ ରହିଥିଲେ । ପୁରୁଷବନ୍ଧୁଙ୍କ ସହ ପାଟିତୁଣ୍ଡ ଯୋଗୁ ସେ ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି । ତେବେ ସନ୍ଧ୍ୟାରେ ହଷ୍ଟେଲ କର୍ମଚାରୀ ଉପସ୍ଥାନ ଯାଂଚ କରିବା ବେଳେ ତ୍ରିସା କବାଟ ଖୋଲି ନ ଥିଲେ । ବହୁ ସମୟ ଧରି କବାଟ ନ ଖୋଲିବାରୁ ସନ୍ଦେହ ବଢ଼ିଥିଲା । ଝରକା ଫାଟେ ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖି କର୍ମଚାରୀମାନେ ପୁଲିସକୁ ଜଣାଇଥିଲେ । କେନ୍ଦ୍ରାଂଚଳ ଆରଡିସି, ପୁଲିସ କମିସନର, ଅତିରିକ୍ତ ସିପି, ଡିସିପି, ଉପଜିଲ୍ଲାପାଳ, ଦୁଇଜଣ ଅତିରିକ୍ତ ଡିସିପି, ସ୍ଥାନୀୟ ଜୋନ୍ ଏସିପି ଓ ସାଇଂଟିଫିକ୍ ଟିମ୍ ଉପସ୍ଥିତିରେ କବାଟ ଭାଙ୍ଗି ଛାତ୍ରୀଙ୍କୁ ଉଦ୍ଧାର କରାଯାଇ କିମ୍ସ ପଠାଯାଇଥିଲା । ସେଠାରେ ଡାକ୍ତର ତ୍ରିସାଙ୍କୁ ମୃତ ଘୋଷଣା କରିଥିଲେ । ଇନ୍‌ଫୋସିଟି ଥାନା ପୁଲିସ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଛି । ଅନ୍ୟପକ୍ଷରେ ପୁଲିସ ହଷ୍ଟେଲ୍ କର୍ତ୍ତୃପକ୍ଷ ଓ କିଛି ସହପାଠୀଙ୍କୁ ମିଶାଇ ୧୦ ଜଣଙ୍କୁ ପଚରାଉଚରା କରିଥିଲା । ଏହି ଘଟଣାର ଅଢ଼େଇ ମାସ ତଳେ 'କିଟ୍' ବିଶ୍ୱବିଦ୍ୟାଳୟରେ ନେପାଳର ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରକୃତି ଲାମସାଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲା ସରକାରଙ୍କ ଉଚ୍ଚସ୍ତରୀୟ କମିଟିରେ ବିଚାରାଧୀନ ରହିଛି ।

ଭଦ୍ରକରେ ବିଜେଡିକୁ ବଡ଼ ଝଟକା, ଦଳରୁ ଇସ୍ତଫା ଦେଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ଭଦ୍ରକ, ୧/୧୨ (ଆ.ପ୍ର) : ଭଦ୍ରକରେ ପୁଣି ବିଜେଡିକୁ ବଡ଼ ଝଟକା । ଦଳରୁ ଇସ୍ତଫା ଦେଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ । ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନରେନ୍ଦ୍ର ପ୍ରସାଦ ବିଶ୍ୱାଳ ଇସ୍ତଫା ଦେଇଛନ୍ତି । ବ୍ୟକ୍ତିଗତ କାରଣ ଦର୍ଶାଇ ଜିଲ୍ଲା ସଭାପତିଙ୍କ ପାଖକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି । ତେବେ ଏହା ପୂର୍ବରୁ ଭଦ୍ରକ ଜିଲ୍ଲାର ୩ ବ୍ଲକ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଥିଲେ । ଗୋଟିଏ ଦିନରେ ବିଜେଡିକୁ ବାଏ ବାଏ କରିଥିଲେ ତିନି ବ୍ଲକ୍ ଅଧ୍ୟକ୍ଷ । ଶନିବାର ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ବିଜେଡିରୁ ଇସ୍ତଫା ଦେଇଥିଲେ । ରୋଚକ କଥା ହେଲା ସମସ୍ତେ ବ୍ୟକ୍ତିଗତ କାରଣ ଦର୍ଶାଇ ଗୋଟିଏ ଦିନରେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ପ୍ରଥମେ ବନ୍ତ ବ୍ଲକ ଅଧ୍ୟକ୍ଷ ଇସ୍ତଫା ଦେଇଥିବା ବେଳେ ପରେ ପରେ ଉର୍ମିଳା ନାୟକ ଓ ସୁମତୀ ସେଠୀ ଦଳ ଛାଡ଼ିଥିଲେ । ଗୋଟିଏ ଦିନରେ ତିନି ବ୍ଲକ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବାପରେ ଭଦ୍ରକ ରାଜନୀତି ସରଗରମ ହୋଇଛି । ଖୁବଶୀଘ୍ର ତିନି ବ୍ଲକ ଅଧ୍ୟକ୍ଷ ବିଜେପିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସେପଟେ ଇସ୍ତଫା ଦେଇଥିବା ୩ ବ୍ଲକ୍ ଅଧ୍ୟକ୍ଷ ବିଜେପିରେ ସାମିଲ ହୋଇପାରନ୍ତି । ଏନେଇ ଇସାରା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି, କିଛି ଦିନ ତଳେ ତାଙ୍କୁ ଭଦ୍ରକର ୩ ଜଣ ବ୍ଲକ୍ ଅଧ୍ୟକ୍ଷ ଆସି ସାକ୍ଷାତ କରିଥିଲେ । ସେମାନେ ବିଜେଡି ଛାଡ଼ିବେ ବୋଲି କହିଥିଲେ । ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆହୁରି କହିଛନ୍ତି, ନଦୀ ଆସି ସମୁଦ୍ରରେ ମିଶେ । ଲୋକଙ୍କୁ ଯୋଡ଼ି ଯୋଡ଼ି ବିଜେପି ଆଜି ଏହି ସ୍ଥାନରେ ପହଂଚିଛି । ଆମେ କାହା ଦଳ ଭାଙ୍ଗୁନୁ । ଆମ ସହ ଯୋଡ଼ି ହେବାକୁ ଚାହିଁଲେ ଦଳକୁ ଆସିପାରିବେ । ଯେଉଁମାନେ ଦଳ ପାଇଁ ଆସେଟ ହେବେ ତାଙ୍କୁ ଦଳରେ ସାମିଲ କରୁଛୁ ବୋଲି ସେ କହିଛନ୍ତି । ଅନ୍ୟପଟେ ଭଦ୍ରକରେ ବିଜେଡିକୁ ଝଟକା ପରେ ନବୀନ ନିବାସରେ ପହଂଚିଛନ୍ତି ଭଦ୍ରକ ବିଜେଡି ନେତା । ଭଦ୍ରକର ୩ ବ୍ଲକ୍ ଅଧ୍ୟକ୍ଷଙ୍କ ଇସ୍ତଫା ପରେ ନବୀନ ନିବାସକୁ ଆଲୋଚନା ପାଇଁ ଡାକରା । ଦଳରେ ଅସନ୍ତୋଷ ବଢୁଥିବାରୁ ଭଦ୍ରକ ଜିଲ୍ଲା ସଭାପତିଙ୍କ ସହ ଆଲୋଚନା ପାଇଁ ଭଦ୍ରକ ଜିଲ୍ଲାର ନେତାମାନଙ୍କୁ ଡାକରା ହୋଇଛି । ପୂର୍ବତନ ସାଂସଦ ମୁକ୍ତିକାନ୍ତ ମଣ୍ଡଳ, ମଞ୍ଜୁଲତା ମଣ୍ଡଳ, ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସ, ସଞ୍ଜୀବ ମଲ୍ଲିକଙ୍କୁ ଡାକରା ହୋଇଛି ।

ସଂସଦରେ 'ବନ୍ଦେ ମାତରମ' ଉପରେ ହେବ ଆଲୋଚନା

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ଭାରତର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ପାଇଁ ସଂସଦର ଶୀତକାଳୀନ ଅଧିବେଶନରେ ଏକ ସ୍ୱତନ୍ତ୍ର ଚର୍ଚ୍ଚାର ଆୟୋଜନ ହେବ । ଏହି ଆଲୋଚନା ଚଳିତ ସପ୍ତାହର ଗୁରୁବାର କିମ୍ବା ଶୁକ୍ରବାର ଲୋକସଭାରେ ହେବ । ଏଥିପାଇଁ ୧୦ ଘ[।ର ସମୟ ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ସ୍ୱତନ୍ତ୍ର ବିତର୍କରେ ଅଂଶଗ୍ରହଣ କରିବେ, ଯାହା ସ୍ୱାଧୀନତା ସଂଗ୍ରାମର ଏହି ପ୍ରେରଣାଦାୟକ ଗୀତର ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିବ । ନଭେମ୍ବର ୩୦ ତାରିଖରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକରେ ଏବଂ ଲୋକସଭା ଏବଂ ରାଜ୍ୟସଭାର ବିଜନେସ୍ ଆଡଭାଇଜରୀ କମିଟି ବୈଠକରେ ଏହି ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇଥିଲା ।ରାଜ୍ୟସଭାରେ ଶାସକ ଦଳର ସଦସ୍ୟମାନେ ମଧ୍ୟ ଏହାକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ । ସରକାର ଏହାକୁ ଜାତୀୟ ଏକତାର ପ୍ରତୀକ ବୋଲି କହି ସମସ୍ତ ଦଳକୁ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରିଛନ୍ତି । ଏନଡିଏ ସଦସ୍ୟମାନେ ମଧ୍ୟ ରାଜ୍ୟସଭାରେ ବନ୍ଦେ ମାତରମ୍ ଉପରେ ଆଲୋଚନା ପାଇଁ ଦୃଢ଼ ସମର୍ଥନ କରିଥିଲେ ।୧୯୫୦ ମସିହାରେ ଭାରତ ଗଣରାଜ୍ୟର ଜାତୀୟ ଗୀତ ଭାବରେ 'ବନ୍ଦେ ମାତରମ୍ ' କୁ ଗୃହୀତ ହୋଇଥିଲା । ୧୮୭୦ ଦଶକରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ସଂସ୍କୃତ ବଙ୍ଗଳାରେ ଲେଖାଯାଇଥିଲା । ଏହି ଗୀତଟି ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ବଙ୍ଗଳା ଉପନ୍ୟାସ 'ଆନନ୍ଦମଠର' ଏକ ଅଂଶ, ଯାହାକି ୧୮୮୨ ମସିହାରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିଲା ।ଏହି ଗୀତଟି ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପାଇଁ ପ୍ରେରଣାର ଏକ ପ୍ରମୁଖ ଉତ୍ସ ପାଲଟିଥିଲା । ଗୀତର ରଚନାର ୧୫୦ ତମ ବାର୍ଷିକୀ ପାଳନ କରିବା ପାଇଁ, କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଏବଂ ଡାକ ଟିକେଟ୍ ଜାରି କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ 'ବନ୍ଦେ ମାତରମ୍' କୁ ସ୍ୱାଧୀନତା ସଂଗ୍ରାମର ଏକ ଅମର ଐତିହ୍ୟ ବୋଲି କହିଥିଲେ ଏବଂ ଯୁବପିଢ଼ିଙ୍କୁ ଏହାକୁ ଗାଇବାକୁ ଅପିଲ କରିଥିଲେ ।

ଏସଆଇଆର ଚାପ ଯୋଗୁ ଜୀବନ ହାରିଲେ ଆଉ ଜଣେ ବିଏଲଓ

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ଭୋଟର ତାଲିକା ସଂଶୋଧନ ବା ସ୍ପେଶାଲ ଇଂଟେନସିଭ ରିଭିଜନ(ଏସ୍‌ଆଇଆର)ର ଚାପ ଏବେ ବୁଥ ସ୍ତରୀୟ ଅଫିସର(ବିଏଲଓ)ଙ୍କ ଉପରେ ବଢ଼ିବାରେ ଲାଗିଛି । ଅତ୍ୟଧିକ ଚାପ ଯୋଗୁ ଜଣଙ୍କ ଜଣେ ବିଏଲଏ ଜୀବନ ହାରିବାରେ ଲାଗିଛନ୍ତି । ଏହିକ୍ରମରେ ଉତର ପ୍ରଦେଶରେ ପୁଣି ଜଣେ ବିଏଲଓ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି । ଶିକ୍ଷକ ଭାବେ କାମ କରୁଥିବା ଏହି ବ୍ୟକ୍ତିଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ହେଲେ ଉତର ପ୍ରଦେଶ ସ୍ଥିତ ମୋରାଦାବାଦ ଘରୁ ତାଙ୍କର ମୃତଦେହ ମିଳିଛି । ମୃତଦେହ ମିଳିବାର ଦିନକ ପରେ ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଭିଡିଓ । ଆତ୍ମହତ୍ୟା କରିବା ପୂର୍ବରୁ ବିଏଲଓ ଜଣଙ୍କ ନିଜ ପରିବାର ପାଇଁ କୋହ ଭରା କଣ୍ଠରେ ଶେଷ ବାର୍ତ୍ତାକୁ ନିଜ ମୋବାଇଲରେ ରେକର୍ଡ କରିଥିଲେ । ସେ କାନ୍ଦି କାନ୍ଦି ମା' ମୁଁ ବଂଚିବାକୁ ଚାହୁଁଛି ବୋଲି କହୁଥିବା ଦେଖିବାକୁ ଓ ଶୁଣିବାକୁ ମିଳୁଛି । ଭିଡିଓରେ ୪୬ ବର୍ଷୀୟ ସର୍ବେଶ କୁମାର ସିଂହ ଭୋଟର ତାଲିକା ସର୍ଭେ ଟାର୍ଗେଟକୁ ପୂରଣ କରିବାରେ ବିଫଳ ହୋଇଥିବା କଥା କହୁଛନ୍ତି । ଏଥିସହ ଏହି ବିଶ୍ୱରୁ ସେ ଅନେକ ଦୂରକୁ ଚାଲିଯାଉଥିବାରୁ ପରିବାର ଲୋକଙ୍କୁ କ୍ଷମା ମାଗୁଛନ୍ତି । ନିଜର ୪ ଝିଅଙ୍କ ଯତ୍ନ ନେବାକୁ ମଧ୍ୟ ସେ ଭିଡିଓରେ ତାଙ୍କ ମା' ଓ ଭଉଣୀଙ୍କୁ କାନ୍ଦି କାନ୍ଦି ନିବେଦନ କରୁଛନ୍ତି । ସ୍ଥାନୀୟ ସରକାରୀ ସ୍କୁଲରେ ସହାୟକ ଶିକ୍ଷକ ଭାବେ କାମ କରୁଥିଲେ ଶ୍ରୀ ସିଂହ । ଅକ୍ଟୋବର ୭ରୁ ତାଙ୍କୁ ବିଏଲଓ ଭାବେ ନିଯୁକ୍ତ କରାଯାଇଥିଲା । ପ୍ରଥମଥର ପାଇଁ ସେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସାମିଲ ହୋଇଥିଲେ । ଦାୟିତ୍ୱ ମିଳିବା ପରେ ତାଙ୍କୁ ନିର୍ଦ୍ଦିଷ୍ଟ ଟାର୍ଗେଟ ଦିଆଯିବା ସହ ଘର ଘର ବୁଲି ଭୋଟରଙ୍କ ତଥ୍ୟ ସଂଗ୍ରହ ପାଇଁ କୁହାଯାଇଥିଲା । କିନ୍ତୁ ଶିକ୍ଷକ ଭାବେ କାମ କରୁଥିବା ଶ୍ରୀ ସିଂହ ବିଏଲଓ ଭାବେ କାମ କରିବା ଚାପକୁ ସହ୍ୟ କରି ପାରି ନଥିଲେ । ଏଥିଯୋଗୁ ସେ ଜୀବନ ହାରିଥିବା ରବିବାର ତାଙ୍କ ପତ୍ନୀ ବବଲୀ କହିଥିଲେ । ଏବେ ଭିଡିଓରେ ଶ୍ରୀ ସିଂହ ସାମ୍ନା କରୁଥିବା କଷ୍ଟ ସମ୍ପର୍କରେ ପୁରା ଦେଶକୁ ଜଣାଇଛନ୍ତି । ସେ କହିଛନ୍ତି, "ଦିଦି, ମୋତେ କ୍ଷମା କରିଦେବ । ମା' ଦୟା କରି ମୋ ପିଲାଙ୍କ ଯତ୍ନ ନେବ । ମୁଁ ଏହି ନିର୍ବାଚନ କାମରେ ଫେଲ ମାରିଛି । ମୁଁ ଗୋଟିଏ ବଡ଼ ପଦକ୍ଷେପ ନେବାକୁ ଯାଉଛି । ଏଥିପାଇଁ କେବଳ ମୁଁ ହିଁ ଦାୟୀ । କାହାର ଏଥିରେ କୌଣସି ଭୁଲ ନାହିଁ । ମୁଁ ବହୁତ ଦୁଃଖରେ ଅଛି । ମୁଁ ଦୀର୍ଘ ୨୦ ଦିନ ହେଲା ଶୋଇ ପାରୁ ନାହିଁ । ଯଦି ମୋ ପାଖରେ ସମୟ ଥାଆନ୍ତା, ତା'ହେଲେ ମୁଁ ମୋ କାମ ନିଶ୍ଚିତ ଶେଷ କରି ଥାଆନ୍ତି । ମୋର ୪ ଜଣ ଛୋଟ ଝିଅ ରହିଛନ୍ତି । ଦୟା କରି ମୋତେ କ୍ଷମା କରିଦେବ । ମୁଁ ଏହି ଦୁନିଆରୁ ବହୁତ ଦୂରକୁ ଚାଲି ଯାଉଛି । ମୁଁ ବଂଚିବାକୁ ଚାହୁଁଛି । କିନ୍ତୁ ଚାପ ବହୁତ ଅଧିକ ।"

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ପାଳିତ-୨୦୨୫

ଖୋର୍ଦ୍ଧା,୦୧/୧୨(ଆ.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ମହାବିଦ୍ୟାଳୟ ଓ ନର୍ସିଂ ଛାତ୍ର, ଛାତ୍ରୀଙ୍କୁ ନେଇ ଏକ ଏଚଆଇଭି/ଏଡସ୍ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ତତ୍ ସହିତ ଏକ ଦୁଇ ଚକିଆ ଯାନର ଶୋଭାଯାତ୍ରା ବାଟଭୂଆସୁଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ଜଟଣୀ ରେଳ ଷ୍ଟେସନ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା । ଏହାକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଓ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ ଅଧିକାରୀ ଡା. ସୁବ୍ରତ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ତତ୍ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡା. ମିତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷର ବିଷୟ ବସ୍ତୁ "ବ୍ୟାଘାତ କୁ ଅତିକ୍ରମ କରି ଏଡସ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା" ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ସୁବୋଦ୍ଧ କୁମାର ଜଗଦେବ ଓ ଖୋର୍ଦ୍ଧା ନର୍ସିଂ ସ୍କୁଲର ଶ୍ରୀମତୀ ସ୍ୱର୍ଣ୍ଣ ପ୍ରଭା ସାହୁ ଏଚଆଇଭି/ଏଡସ୍ ସମ୍ବନ୍ଧୀୟ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ । ସଭାପତି ଡା. ମିତ୍ର ନିଜ ଉଦ୍‌ବୋଧନରେ ଏଚଆଇଭି/ଏଡସ୍ ର କାରଣ, ନିରାକରଣ, ପ୍ରତିକାର ଓ ଏ ବର୍ଷର ବିଷୟ ବସ୍ତୁ "ବ୍ୟାଘାତ କୁ ଅତିକ୍ରମ କରି ଏଡସ ପ୍ରତିକ୍ରିୟାକୁ ପରିବର୍ତ୍ତନ କରିବା" ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଉପସ୍ଥିତ ଛାତ୍ର ଛାତ୍ରୀ ନିଜ ଜୀବନରେ ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ସର୍ବଶେଷରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ବିଧାନ ଚନ୍ଦ୍ର ନାୟକ ସାମାଜିକ ଯୋଗାଯୋଗ ମାଧ୍ୟମ (ଫେସ୍ ବୁକ, ଇନ୍‌ସ୍ଟାଗ୍ରାମ, ୟୁଟ୍ୟୁବ)କୁ ପ୍ରାଧାନ୍ୟ ଦେଇ ଏହାର ମୂଳରେ ଆସୁଥିବା ବାର୍ତ୍ତାକୁ ବହୁଳ ଭାବେ ପ୍ରଚାର, ପ୍ରସାର ଓ ଅନୁସରଣ କରିବା ସହିତ ନିଃଶୁଳ୍କ ନମ୍ବର-୧୦୯୭ ରେ ଯୋଗାଯୋଗ କରି ଏଡସ୍ ସମ୍ବନ୍ଧୀୟ ଅଧିକ ବିବରଣୀ ଜାଣିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପ୍ରାଣ ନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା, ଖୋର୍ଦ୍ଧା ନର୍ସିଂ ସ୍କୁଲ ର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର କର୍ମଚାରୀ କିଶୋର କୁମାର କାନୁନଗୋ, ଅଶୋକ କୁମାର ଦାସ, ଜୟନ୍ତୀ ବାଳା ସାମନ୍ତରାୟ, ବିମଳ ଚନ୍ଦ୍ର ମାନସିଂହ, ଡ଼ିଆରପି, ଟିଆଇ କର୍ମଚାରୀ, ଓ ଆଇସିଟିସିର ପରାମର୍ଶ ଦାତା, ଦାତ୍ରୀ ମାନେ ଏବଂ ଜଟଣୀ ଓ ଖୋର୍ଦ୍ଧା ଆରକ୍ଷୀ ବନ୍ଧୁମାନେ କାର୍ଯ୍ୟରେ ସହଯୋଗ କରିଥିଲେ ।

କନ୍ଧମାଳ ଛାତ୍ର ନେତା ରୁଦ୍ର ପ୍ରସାଦ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ

ଟିକାବାଲି, ୧/୧୨ (ଆ.ପ୍ର) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୧ ତମ ରାଷ୍ଟ୍ରୀୟ ଅଧିବେଶନ ଦେବଭୂମି ଉତରାଖଣ୍ଡ ଦେରାଡୁନ ଠାରେ ଗତ ୨୮.୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହୋଇଛି । ଏହି ଅଧିବେଶନରେ ଉଦଘାଟନ ରେ ଇସୋରର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଏସ୍ ସୋମୋନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମଗ୍ର ଭାରତରୁ ୧୫୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏହି ଅଧିବେଶନରେ ପ୍ରତିନିଧି କରିବା ସହ ଓଡ଼ିଶାରୁ ୩୦ ଜଣ କାର୍ଯ୍ୟକର୍ତ୍ତା ପ୍ରତିନିଧି ଉପସ୍ଥିତ ଥିଲେ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନବନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଫେସର ରଘୁରାଜ କିଶୋର ତିୱାରୀ ଜୀ ଆଗାମୀ ଶିକ୍ଷା ବର୍ଷ ୨୦୨୫/୨୬ ନିମନ୍ତେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଘୋଷଣା କରିଥିଲେ । କନ୍ଧମାଳ ଜିଲ୍ଲା ଯୁବ ଛାତ୍ର ନେତା ଶ୍ରୀମାନ ରୁଦ୍ର ପ୍ରସାଦ ସେଠୀ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସେ ବର୍ତ୍ତମାନ ଗଞ୍ଜାମ ବିଭାଗ ସଂଯୋଜକ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ସିଟିଡି ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଛାତ୍ର ଜୀବନରୁ ଉପଯୁକ୍ତ ଶିକ୍ଷା ଓ ଛାତ୍ରୀ ସୁରକ୍ଷା ନିମନ୍ତେ ରୁଦ୍ର ଅନେକ ଆନ୍ଦୋଳନ ଏବଂ ଛାତ୍ର ବିକାଶ କାର୍ଯ୍ୟକ୍ରମ ନେତୃତ୍ୱ ନେଇଛନ୍ତି । ରୁଦ୍ର ପ୍ରସାଦ ସେଠୀ ଏହି ଦାଇତ୍ୱ ପାଇବା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଜିଲ୍ଲା ସମସ୍ତ କାର୍ଯ୍ୟକର୍ତ୍ତା ଓ ପୁରାତନ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ପରେ କନ୍ଧମାଳ ଜିଲ୍ଲା ସହ ପ୍ରମୁଖ ସୋମୀୟ ସଂଗଠନ ଦାକୁଆ ଓ ସହ ସଂଯୋଜକ ଶୁଭମ୍ ଜ୍ୟୋତି ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ

ଧାମନଗର, ୧/୧୨ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ସୋହଡା ପଂଚାୟତ ଅଧିନ ଷେଷପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ନୂତନ ପିଢ଼ୀମାନଙ୍କ ମନରେ ବିଜ୍ଞାନମୂଳକ ଚେତନା, ଭାବନା ଓ ସୃଜନଶୀଳ ଚିନ୍ତାଧାରା ଗଢ଼ିଉଠିବା ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି । ଏହି ପ୍ରଦର୍ଶନୀରେ ମୋଟ ୧୬୦ଟି ବୈଜ୍ଞାନିକ ପ୍ରୋଜେକ୍ଟ ପର୍ଦ୍ଦର୍ଶିତ ହୋଇଥିଲା । ପରିବେଶ ସୁରକ୍ଷା, ବିପଦ ପ୍ରବନ୍ଧନ, ପାଣି ସଂରକ୍ଷଣ, ନବୀକରଣ ଶକ୍ତି ଓ ପ୍ରଯୁକ୍ତି ନବୀନତା ଭଳି ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ନିଜର ମଡେଲ ପ୍ରସ୍ତୁତ କରିଥିଲେ । ବିଜ୍ଞାନ ମେଳାରେ ୭ଟି ଥିମକୁ ନେଇ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଛି । ପ୍ରତି ଥିମରୁ ଗୋଟିଏ ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି । ତେବେ ଏନର୍ଜି ଥିମକୁ ନେଇ ହୋଇଥିବା ପ୍ରକଳ୍ପ ଭିତରୁ ୭ଟି ମଧ୍ୟ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଧାମନଗର ବିଇଓ ପ୍ରଫୁଲ୍ଲକୁମାର ସାହୁ ସୂଚନା ଦେଇଛନ୍ତି । ଏହାଛଡ଼ା ସମସ୍ତ ପ୍ରକଳ୍ପ ମଧ୍ୟରୁ ୩ଟିକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କାର ପ୍ରଦାନ କରାଯାଇଛି । ଧାମନଗର ବ୍ଲକ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ହୋତାଙ୍କ ସଂଯୋଜନାରେ ଆୟୋଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ବେହେରା, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ବିଡିଓ ବନବିହାରୀ ଦିନ୍ଦା, ବିଇଓ ପ୍ରଫୁଲ୍ଲ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ ଓ ଅନ୍ୟ ଅଧିକାରୀ ମାନେ ଛାତ୍ରଛାତ୍ରୀଙ୍କ ପ୍ରୟାସର ବୈଜ୍ଞାନିକ ଭାବନା ଓ ପରୀକ୍ଷଣମୂଳକ ଶିକ୍ଷା ଆଜିର ପିଢ଼ୀଙ୍କ ଭବିଷ୍ୟତକୁ ଦୃଢ଼ କରେ । ପ୍ରଶ୍ନ କରିବା, ଯାଂଚ କରିବା ଓ ନବମାର୍ଗ ଖୋଜିବା ଅଭ୍ୟାସ ଶିଶୁମାନଙ୍କୁ ନୂତନ ଦିଗକୁ ନେଇଯାଏ ବୋଲି ଅତିଥି ମାନେ ବକ୍ତବ୍ୟରେ କହିଥିଲେ । ବିଜ୍ଞାନ ପ୍ରାଧ୍ୟାପକ ଅଭୟ ଜେନା, ସରପଂଚ ଲୋପାମୁଦ୍ରା ନାୟକ, ସମିତି ସଭ୍ୟା ଗୀତାଞ୍ଜଳି ପତି, ଏବିଓ ଭିମସେନ ହୋ, ସତ୍ୟ ସୁନ୍ଦର ପରିଡ଼ା,ପ୍ରଧାନ ଶିକ୍ଷୟତ୍ରୀ କଲ୍ୟାଣୀ ଦାଶ ମଧ୍ୟ ଉପସ୍ଥିତ ଥିଲେ । ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ରୂପକ୍ ମିଶ୍ର, ପ୍ରଶାନ୍ତ ପରିଡା, ଅଶ୍ୱନୀ ଜେନା, ସିଆରସିସି ଦେବବ୍ରତ ନାୟକ, ସମୀର ଗୋସ୍ୱାମୀ, ମନୋଜ ସିଂ, ମନ୍ମଥ ରାଉତ ଓ ଏସଏମସି ସଭାପତି ପରେଶ ମିଶ୍ର ପ୍ରଦର୍ଶନୀକୁ ସଫଳ କରାଇବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରଦର୍ଶନୀ ଦେଖିବାକୁ ପହଂଚିଥିଲେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସୁରେନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

ନିଆରା ଢଙ୍ଗରେ ବିଶ୍ୱ ଏଡ଼ସ ଦିବସ ପାଳିତ

ଦଶପଲ୍ଲା, ୧/୧୨ (ଆ.ପ୍ର) : ଦଶପଲ୍ଲା ଏନ୍ ଏ ସି ଅନ୍ତର୍ଗତ କୃଷ୍ଣପ୍ରୀୟା ମହିଳା ମହାବିଦ୍ୟାଳୟ ଠାରେ ଆୟୋଜକ ୟୁଥ୍ ରେଡକ୍ରସ୍ ୟୁନିଟ ଓ ଓଏସଏସିଏସ ଏବଂ ରାଜ୍ୟ ରେଡ଼କ୍ରସ ଶାଖା,ଭୁବନେଶ୍ୱର ଆନୁକୂଲ୍ୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଏକତ୍ରିତ ହୋଇ କଲେଜ ଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଦୁର୍ଗାବଜାର, ଥାନା, ମେଡ଼ିକାଲ ଛକ ବସ ଷ୍ଟାଣ୍ଡ ଆଦି ସ୍ଥାନରେ ବିଭିନ୍ନ ପ୍ରକାର ସ୍ଲୋଗାନ ଶହ ଜନ ସାଧାରଣ ଙ୍କୁ ଚକୋଲେଟ ପ୍ରଦାନ ପୂର୍ବକ ସଚେତନ କରିବା ସହ ସହର ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷା ପତାକା ପ୍ରଦର୍ଶନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପରେ କଲେଜ ଠାରେ ଏକ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲାର ଡାକ୍ତର ସାଗରୀକା ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫାର୍ମାସିଷ୍ଟ ଲକ୍ଷ୍ମୀନାରାୟଣ ସାହୁ ଯୋଗ ଦେଇଥିଲେ । ଶିକ୍ଷା ବିଭାଗ ଅଧ୍ୟାପିକା ମଧୁସ୍ମିତା ସାଥୁଆ, ଓଡ଼ିଆ ଅଧ୍ୟାପିକା ସୁମନା ସାହୁଙ୍କ ସହଯୋଗୀତାରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ୍ କ୍ରସ୍ ୟୁନିଟ୍‌ର ପରାମର୍ଶ ଦାତା ତଥା ଅଧ୍ୟାପକ ଧୀରେନ୍ଦ୍ର କୁମାର ମହାରଣା ସଂଯୋଜନା କରିଥିଲେ । ତତ ସହିତ କଲେଜର ଛାତ୍ରୀ ଓ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

ନବରଙ୍ଗପୁର ମହାବିଦ୍ୟାଳୟ ରେଡ୍ କ୍ରସ୍ ତରଫରୁ ବିଶ୍ୱ ଏଡ଼ସ ଦିବସ ପାଳିତ

ନବରଙ୍ଗପୁର, ୧/୧୨ (ଆ.ପ୍ର) : ନବରଙ୍ଗପୁର ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଏବଂ ରେଡ ରିବନ୍ କ୍ଲବ ତରଫରୁ ନବରଙ୍ଗପୁର ମହାବିଦ୍ୟାଳୟ ରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।ଏଡ଼ସ ଦିବସରେ ଯୁବ ରେଡକ୍ରସ ର ଜିଲ୍ଲା ଆବାହକ ଅଧ୍ୟାପକ ଶ୍ରୀ ଦିଲ୍ଲୀପ କୁମାର ହୋତା ଏବଂ କଲେଜ ସଂଯୋଜକ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା +୨ ଏବଂ +୩ ଶ୍ରେଣୀସବୁ ରେ ପ୍ରାଥମିକ ଭାବେ ଛାତ୍ର ଛାତ୍ରୀଙ୍କୁ ଏଡସ ବିଷୟରେ ସଚେତନ କରିବା ସହିତ ଆଜି ଦିନର ମହତ୍ୱ ବିଷୟରେ ସୂଚନା ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଏଥିନିମନ୍ତେ ଆୟୋଜିତ ସଭା ଉଦଘାଟନ କରି ମୁଖ୍ୟ ଅତିଥି ଯୁବ ରେଡକ୍ରସ ର ଜିଲ୍ଲା ଅଧିକାରୀ ତଥା ଅଧ୍ୟକ୍ଷ ଶ୍ରୀ ଡି. ଗୋବିନ୍ଦା ରାଓ ସାମ୍ପ୍ରତିକ ସମୟରେ ଭାରତରେ ଏଡସର ସ୍ଥିତି ଓ ପ୍ରଭାବ ବିଷୟରେ ଆଲୋକପାତ କରିବା ସହ ସଚେତନତା ଦ୍ୱାରା ହିଁ ସମାଜରୁ ଅସମାନତା ଦୂର କରିପାରିବ ବୋଲି କହିଥିଲେ । ଜିଲ୍ଲା ଡାକ୍ତରଖାନାରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅଧିକାରୀ ସମ୍ମାନିତ ଅତିଥି ତଥା ସମ୍ବଳ ପ୍ରଶିକ୍ଷକ ଶ୍ରୀ ଚନ୍ଦ୍ର ଶେଖର ପଟ୍ଟନାୟକ ଏବଂ ଶ୍ରୀ ସର୍ବେଶ୍ୱର ବାରିକ ଏଡ଼ସ ରୋଗର କାରଣ ଓ ନିରାକରଣ ତଥା ସଚେତନତା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ । ପ୍ରାଧ୍ୟାପିକା ଶ୍ରୀମତୀ ସଙ୍ଗୀତା ତ୍ରିପାଠୀ ଛାତ୍ର ଛାତ୍ରୀ ଏକ ପ୍ରମୁଖ ଦାୟିତ୍ୱ ଭାବରେ ଏଡ଼ସ ବିଷୟରେ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ମାନବ ଶୃଙ୍ଖଳ, ଦସ୍ତଖତ ଅଭିଯାନ, କର୍ମଶାଳା ସବୁକୁ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ନିର୍ମଳା ହିକକା ଏବଂ ଅଧ୍ୟାପିକା ରଜନୀ ମିଞ୍ଜ ତଥା କର୍ମଚାରୀ ଶ୍ରୀ ରାଜନ୍ ତ୍ରିପାଠୀ ଓ ବନମାଳୀ ବେହେରା ପରିଚାଳନା କରିଥିଲେ । ଜିଲ୍ଲା ଆବାହକ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ଏଡସ ଦିବସ ପାଳନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଦେବା ସହ ଆଗାମୀ ଦିନରେ ଛାତ୍ର ଛାତ୍ରୀ ନିଜ ନିଜ ଗ୍ରାମରେ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ ଯୁବ ରେଡକ୍ରସ ଅଧିକାରୀ ତଥା ଛାତ୍ର ଛାତ୍ରୀ ମାନେ ଏଡ଼ସ ଭୂତାଣୁ ଓ ଏହାର ପ୍ରତିଷେଧକ ଉପରେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଛାତ୍ର ସଂସଦ ସହ ଉପଦେଷ୍ଟା ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା । ପ୍ରକୃତରେ ଏଡସ ଦିବସ ପାଳନ ଦ୍ୱାରା ଛାତ୍ର ଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟି ସହ ଆଗାମୀ ଦିନରେ ଏକ ସଚେତନ ସମାଜ ପ୍ରତିଷ୍ଠା ପାଇଁ ସହାୟକ ହୋଇ ପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ରାଓ ମତ ପ୍ରକାଶ କରିଥିଲେ ।

ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ, ୧/୧୨ (ଆ.ପ୍ର) : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଖଣ୍ଡିୟ ବନ ଅଧିକାରୀ ଶ୍ରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଶ୍ରୀ ଅକ୍ଷୟ କୁମାର ଖେମ୍ପୁଣ୍ଡ, ଉପ ଜିଲ୍ଲାପାଳ, ରାୟଗଡ, ଶ୍ରୀ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୭୩ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୨୩ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ୨୦ ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଏବଂ ୮ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ୧ଲକ୍ଷ ୨୦ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଆସିମା ରାଓ, ବିଡ଼ିଓ, ରାୟଗଡ, ଶ୍ରୀ ସୁଜିତ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ମିନତି ଦେଓ, ପୌର ନିର୍ବାହୀ ଅଧିକାରୀ । ଶ୍ରୀ କୁମାର କୁଲଦୀପ ଅବକାରୀ ଅଧିକ୍ଷକ ଶ୍ରୀ ସନ୍ତୋଷ କୁମାର ଧଳ ସାମନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ରାମ ନାହାକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ।

ପ୍ରୟନ୍ ସଂସ୍ଥା ଓ ଏଚଡିଏଫ ଡିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ସାମଗ୍ରିକ ଗ୍ରାମୀଣ ଉନ୍ନତି କାର୍ଯ୍ୟକ୍ରମ

ଚିଲିକା ବାଣପୁର, ୧/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ବଡଳାବନ୍ଧ ଗ୍ରାମର ରଘୁନାଥପୁର ଶାସନସ୍ଥିତ ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ଓ ଠାକୁରାଣୀ ମା' ତାରିଣୀ ମନ୍ଦିର ପରିସରରେ ପ୍ରୟନ୍ ସଂସ୍ଥା ଓ ଏଚଡିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ "ସାମଗ୍ରିକ ଗ୍ରାମୀଣ ଉନ୍ନତି କାର୍ଯ୍ୟକ୍ରମ"ରେ ଯୋଗଦେଇ ଥିଲେ ମାନ୍ୟବର ବିଧାୟକ ତଥା ଆଇନ୍ ପୂର୍ତ୍ତ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଗ୍ରାମର ପୂର୍ବତନ ସରପଂଚ ଦେବାଶିଷ ରଥଙ୍କ ସମେତ ବଡଳବନ୍ଧ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯୋଗ ଦେଇ କହିଥିଲେ ଯେ ଏସିଆ ମହାଦେଶର ବୃହତ ଲବଣ ହ୍ରଦ ନୀଳାମ୍ବୁ ଚିଲିକାର ପୁନଃଉଦ୍ଧାର ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି । ସଂକୁଚିତ ଚିଲିକାର ପରିସୀମା ସହିତ ଚିଲିକାର ସୌନ୍ଦର୍ଯ୍ୟ, ସାମୁଦ୍ରିକ ମୁହାଁଣ ଖନନ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ ହୋଇଛି । ଯାହା ଦ୍ୱାରା ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ତଟବର୍ତ୍ତୀ ଅଧିବାସୀ ମାନଙ୍କୁ ଆଉ ଦାଦନ 'ଖଟିବା ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ । ଏହି ଅବସରରେ ମନ୍ତ୍ରୀଙ୍କ କରକମଳରେ ସୌର ଷ୍ଟ୍ରିଟ ଲାଇଟ ପ୍ରକଳ୍ପ ସହିତ 'ହୋଲିଷ୍ଟିକ ରୁରାଲ ଡେଭେଲପମେଂଟ ପ୍ରୋଗ୍ରାମ, ଚିଲିକା'ର ଉଦଘାଟନ ହୋଇଥିଲା । ମତ୍ସ୍ୟଜୀବୀଙ୍କୁ ଜାଲ, ମାଛ ଜାଲ ପାଇଁ ରଶି, ଲାଇଫ ଜ୍ୟାକେଟ, ସିଗନାଲ ଲାଇଟ, ପ୍ରାଥମିକ ଚିକିତ୍ସା କିଟ ଆଦି ବିତରଣ କରାଯାଇଥିଲା । ସେହିପରି ଚିଲିକା ଓ ବାଣପୁର ବ୍ଲକର ୧୮ ଗ୍ରାମରେ ୧୦ଟି ଲେଖାଏଁ ଷ୍ଟ୍ରିଟ ଲାଇଟ ଏପରି ୧୮୦ଟି ଷ୍ଟ୍ରିଟ ଲାଇଟ ସମ୍ପୃକ୍ତ ଚଡ଼ିଏଫସି ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ଡଃ କୃଷ୍ଣ କୃଷ୍ଣଚନ୍ଦ୍ର ପରିଡ଼ା ମଂଚ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଦୀନବନ୍ଧୁ ସାହୁ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ସୁମନ୍ତ ପଟ୍ଟନାୟକ, ଏଚଡ଼ିଏଫସିର ବରିଷ୍ଠ ଅଧିକାରୀ ଅନିମେଷ ସିସମାନ, ପ୍ରୟନ୍ ସିଇଓ ମଳୟ କୁମାର, ବରିଷ୍ଠ ଶିକ୍ଷାବିତ ସୁଦାମ ବେହେରା, ବିଜେପି ମଣ୍ଡଳ ସଭାପତି ଧର୍ମାନନ୍ଦ ସେଣ, ଚିଲିକା ବ୍ଲକ୍ କିସାନ୍ ସଂଘ ସଭାପତି ଦାମୋଦର ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ ପ୍ରମୋଦ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଅଖିଳ କୁମାର ପଲେଇ,ଶରତ ଚନ୍ଦ୍ର ବରାଳ,ଦେବୀ ପ୍ରସାଦ ରଥ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଓ ବହୁ ବୁଦ୍ଧିଜୀବି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ପ୍ରୟନ୍ ସଂସ୍ଥାର ପ୍ରୋଜେକ୍ଟ ଅଫିସର ଚନ୍ଦୁ ମନ୍ନା, ସରୋଜ କାନ୍ତ ରାଉତ, ଆଦିତ୍ୟ ପ୍ରଧାନ, ଆଶୁତୋଷ ନାୟକ, ପ୍ରଜ୍ଞା ପରମିତା ବିଶ୍ୱାଳ, ନମ୍ରତା ରାଣୀ ସାହୁ, ବର୍ଷାରାଣୀ ରାଉଳ, ଲକ୍ଷ୍ମୀପ୍ରିୟା ଦାସ, ଗଣେଶ ରେଡ୍ଡି, ଗଜେନ୍ଦ୍ର ଘଡେଇ ଓ ନମିତା ପରିଡ଼ା ।

ବାରାପୁର ଡିଗ୍ରୀ କଲେଜ ବାରାପୁରରେ ବିଶ୍ୱ ଏଡ଼ସ ଦିବସ ୨୦୨୫ ପାଳନ

ବାସୁଦେବପୁର, ୧/୧୨ (ଆ.ପ୍ର) : ସଚେତନତା ହିଁ ପ୍ରତିକାରର ପ୍ରଥମ ପଦକ୍ଷେପ,ବିଶ୍ୱ ଏଡ଼ସ ଦିବସ ପ୍ରତିବର୍ଷ ୧ ଡିସେମ୍ବରରେ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏଡ୍ ସ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଲୋକମାନଙ୍କ ମନରେ ଥିବା ଭ୍ରାନ୍ତି ଓ ଭୟକୁ ଦୂର କରିବା । ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ଆର୍ଜୁନ ଗ୍ରାମ ପଂଚାୟତରେ ଥିବା ବାରାପୁର ଡିଗ୍ରୀ କଲେଜ ବାରାପୁର ଠାରେ ରେଡ଼ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଯୁବ ରେଡକ୍ରସ ବିଭାଗ ବାରାପୁର ଡିଗ୍ରୀ ମହାବିଦ୍ୟାଳୟ ରେ ବିଶ୍ୱ ଏଡ଼ସ ଦିବସ ୨୦୨୫ ଅନୁଷ୍ଠିତ ହୋଇଛି । କଲେଜ୍‌ର ସମସ୍ତ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗାଁ ଭ୍ରମଣ କରି ଏଡ଼ସ ବିଷୟରେ ଲୋକମାନଙ୍କୁ ଛାତ୍ର ଓ ଛାତ୍ରୀ ମାନେ ସଚେତନତା କରାଇଲେ । ପରେ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି, କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଛି, ପରେ ଏକ ସଭା ଆୟୋଜନ ହୋଇ ଥିଲା, ଏହି ସଭାରେ ଅତିଥି ମାନେ ଏଡ଼ସ ବିଷୟରେ ଛାତ୍ର ଓ ଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ସଚେତନତା କରାଇଥିଲେ । ଏଥିରେ ଯୋଗଦାନ କରିଥିଲେ, ବାରା ପୁର ଡ଼ିଗ୍ରୀ କଲେଜର ଅଧ୍ୟକ୍ଷ ରଘୁପତି ଖିଲାର, ମୁଖ୍ୟ ଅତିଥି ଡକ୍ଟର ଶ୍ୟାମସୁନ୍ଦର ବେହେରା, ବାରାପୁର ମେଡ଼ିକାଲ ଡାକ୍ତର, ସମ୍ମାନିତ ଅତିଥି ସମୀର ରଞ୍ଜନ ମିଶ୍ର, ଯୁବ ରେଡକ୍ରସ କାଉଁନସିଲର ସଞ୍ଜୟ କୁମାର ପାଣିଗ୍ରାହି, ସୀତାରାମ ବେହେରା, ପ୍ରଦିପ କୁମାର ଦାସ, ସନ୍ତୋଷକୁମାର ପାଣିଗ୍ରାହି, ମୀନା କୁମାରୀ ଅଗସ୍ତି , ରଶ୍ମିତା ଜେନା, ଶ୍ରୀ ଅକ୍ଷୟ କୁମାର ପଣ୍ଡା, ସୁଧାଂଶୁ ଶେଖର ସାହୁ, ଉମେଶ ଚନ୍ଦ୍ର ସାହୁ, ରଜନୀକାନ୍ତ ମଳିକ, ଅବନ୍ତି ମଳିକ, ଅଜୟ କୁମାର ସାହୁ, ରଶ୍ମିତା ପଣ୍ଡା, ଗଙ୍ଗାଧର ବେହେରା, ସୁଧାକର ସାହୁ, ମାଳତୀଲତା ପଣ୍ଡା, ସ୍ୱରସତି ରାଉତ, ରମାକାନ୍ତ ପରିଡ଼ା, ପୁନେନ୍ଦୁ ପ୍ରସନ୍ନ କରଙ୍କ ସମେତ କଲେଜର ଛାତ୍ର ଓ ଛାତ୍ରା ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ ।

କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

ଭବାନୀପାଟଣା, ୦୧/୧୨ (ଅ.ପ୍ର) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାଡ୍ୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୨୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୨ ଗୋଟି ଓ ସାମୂହିକ ୧୮ ଗୋଟି ରହିଥିବା ବେଳେ ୧୭ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡ୍‌କ୍ରସ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ରାସ୍ତା ଘାଟ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଶ୍ରମ, ପୂର୍ତ୍ତ, ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁକ୍ତିବୃନ୍ଦ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଗ୍ରାମାଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଟିପିଏନଓଡିଏଲ ସମ୍ମାନୀତ

ବାଲେଶ୍ୱର, ୦୧/୧୨ (ଆ.ପ୍ର) : ଗ୍ରାମାଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଣ ତଥା ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)କୁ "ବେଷ୍ଟ ହେଲ୍ଥ କେୟାର ଫେସିଲିଟି ଏଟ୍ ଦ ଡୋର ଷ୍ଟେପ ଇନ୍ ରୁରାଲ ଏରିଆ" ସମ୍ମାନରେ ସମ୍ମାନୀତ କରାଯାଇଛି । ଭୁବନେଶ୍ୱରରେ ସିଏସଆର ଫୋରମ ପକ୍ଷରୁ ଆୟୋଜିତ 'ଓଡ଼ିଶା ସିଏସଆର ଏବଂ ଏଚଆର ଲିଡରସିପ ସମ୍ମିଳନୀ-୨୦୨୫'ରେ ଟିପିଏନଓଡ଼ିଏଲକୁ ପୁରସ୍କୃତ କରାଯାଇଛି । ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀଙ୍କ ଠାରୁ ଟିପିଏନଓଡିଏଲ ବାଣିଜ୍ୟିକ ଓ ସିଏସଆର ପ୍ରମୁଖ ଜୟଦୀପ ରାୟ, ସିଏସଆର ମୁଖ୍ୟ ରଞ୍ଜନ ଶର୍ମା, ଦିଲ୍ଲୀପ ସାହୁ, ଦୀପଞ୍ଜନ ଦାସ ଓ ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ । ସାମାଜିକ ବିକାଶ ଏବଂ ସଶକ୍ତିକରଣ କ୍ଷେତ୍ରରେ ଏହି ସ୍ୱୀକୃତି ଟିପିଏନଓଡିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀଙ୍କୁ ପ୍ରେରଣା ଦେବ ବୋଲି ବାଣିଜ୍ୟିକ ଓ ସିଏସଆର ପ୍ରମୁଖ ଶ୍ରୀ ରାୟ ନିଜ ଅଭିଭାଷଣରେ କହିଥିଲେ । ସୂଚନାଥାଇକି, ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ଅଂଚଳର ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ 'ଟିପିଏନଓଡିଏଲ' ଗୁରୁଦାୟିତ୍ୱ ବହନ କରୁଛି । ଟିପିଏନଓଡିଏଲ ପକ୍ଷରୁ ନିଃଶୁଳ୍କ ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି । ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏହି ଆମ୍ବୁଲାନ୍ସ ଉପାନ୍ତ ଓ ଗ୍ରାମାଂଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଉଛି । ଆମ୍ବୁଲାନ୍ସଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏବଂ ଏଏନଏମ ନିୟୋଜିତ ହୋଇଛନ୍ତି । ମୌଳିକ ଚିକିତ୍ସା ସେବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କରିବା ଦିଗରେ ମଧ୍ୟ ଏହି ଆମ୍ବୁଲାନ୍ସ କାର୍ଯ୍ୟରତ ରହିଛି ।

ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ

ଭୋଗରାଇ, ୦୧/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ରେଡକ୍ରସ ଅଧିକାରୀ ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା, ପୂର୍ବତନ ରେଡକ୍ରସ ଅଧିକାରୀ ତଥା ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ରାଜନୀତି ବିଜ୍ଞାନ ଅଧ୍ୟାପିକା ସଂଯୁକ୍ତା ମହାନ୍ତି, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସାଧନା ନାୟକ ପ୍ରମୁଖ ଯୋଗ ଦେଇ ଏଡ଼ସ ଭୂତାଣୁର ପ୍ରାରମ୍ଭିକ ସଂକ୍ରମଣ ଓ ଏହାର ପରବର୍ତ୍ତୀ ଭୟାବହତା ଏବଂ ଏହାକୁ ପ୍ରତିହତ ପାଇଁ ଆବଶ୍ୟକୀୟ ସଚେତନତା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଏଡ଼ସ ଦିବସ ଉପଲକ୍ଷେ ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଣଶିକ୍ଷକ କର୍ମଚାରୀ ବଳରାମ ବିଶି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ସରୋଜ କୁମାର ଦାସ, ଅଧ୍ୟାପକ ସୁବ୍ରତ କୁମାର ଦାସ, ବିନ୍ଦୁ ବାସିନୀ ପ୍ରଧାନ, କାଂଚନ ବାଳା ଦାସ, ସସ୍ମିତା ଦାସଙ୍କ ସହ ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଏଡ୍ସ ଦିବସ ପାଳିତ ଗୋଷ୍ଠୀଭିତିକ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୦୧/୧୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ସାମାଜିକ କାର୍ଯ୍ୟ ବିଭାଗର ଛାତ୍ରଛାତ୍ରୀମାନେ ବିଶ୍ୱ ଏଡ୍ସ ଦିବସ ଅବସରରେ ଫୁଲକିଆରିସାହି, ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗାଁରେ ଗୋଷ୍ଠୀ ଆଧାରିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏଚ.ଆଇ.ଭି/ଏଡ୍ସ ରୋଗର ପ୍ରତିରୋଧ, ଅଜ୍ଞାନତା ଓ ଅପମାନବୋଧ ହ୍ରାସ, ଏବଂ ସ୍ୱାସ୍ଥ୍ୟକାମୁକ ଆଚରଣ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଏହାର ଉଦ୍ଦେଶ୍ୟ ରହିଥିଲା । ଛାତ୍ରଛାତ୍ରୀମାନେ ଗ୍ରାମବାସୀଙ୍କ ସହ ପାରସ୍ପାରିକ ଆଲୋଚନା, ଘରକୁ ଘର ଯାଇ ଜଣସଧାରଣଙ୍କୁ ସଚେତନଶୀଳ କରିବା ଓ ଏଡ୍ସ ସଂପର୍କିତ ଆବଶ୍ୟକୀୟ ସୂଚନାମାନ ପ୍ରଦାନ କରିବା ସହ ବିଭିନ୍ନ ସମୁଦାୟ ଅଂଶଗ୍ରହଣ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୃଷ୍ଟିପୂର୍ଣ୍ଣ ପରିଚାଳନା ଅଧୀନରେ କାର୍ଯ୍ୟକ୍ରମଟି ସଂଚାଳିତ ହୋଇଥିଲା । ସମାଜମୁଖୀ କାର୍ଯ୍ୟସୂଚୀରେ କୁଳପତିଙ୍କ ନେତୃତ୍ୱ ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ପ୍ରେରିତ କରିଆସୁଛି । ବିଭାଗୀୟ ସଂଯୋଜକ ଡ଼କ୍ଟର ଗ୍ରେସ୍ ବି. ମୁଣ୍ଡୁ କାର୍ଯ୍ୟକ୍ରମର ପ୍ରାୟୋଗିକ ସହଯୋଗ ପ୍ରଦାନ କରିଥିଲେ । ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତ ଛାତ୍ରଛାତ୍ରୀମାନଙ୍କ ସହ ପୋଷ୍ୟ ଗ୍ରାମଗୁଡ଼ିକ ଭ୍ରମଣ କରି ଗ୍ରାମବାସୀଙ୍କୁ ଏଚଆଇଭି/ଏଡ୍ସ ସମ୍ବନ୍ଧୀୟ ସଚେତନତାର ବାର୍ତ୍ତା ପ୍ରଚାର ସହ, ପ୍ରତିରୋଧମୂଳକ ଉପାୟ ଓ ସ୍ୱାସ୍ଥ୍ୟଗତ ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଦିବସର ପାଳନ, ବିଭାଗର ସମାଜିକ ଦାୟିତ୍ୱବୋଧ, ଲୋକସ୍ୱାସ୍ଥ୍ୟ ସଚେତନତା ଏବଂ ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ଶିକ୍ଷାରେ ଗୁରୁତ୍ୱଦାୟୀ ଭୂମିକାକୁ ପ୍ରକାଶ କରିବା ସହ ଗ୍ରାମବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦକ୍ଷେପର ଉଦାହରଣ ମଧ୍ୟ ଦେଇଛି ।

ବିଡ଼ିଓଙ୍କୁ ବିଦାୟ ସମ୍ବର୍ଦ୍ଧନା, ନୂତନ ବିଡିଓଙ୍କୁ ସ୍ୱାଗତ

ସିମୁଳିଆ, ୦୧/୧୨ (ଆ.ପ୍ର) : ନୂତନ କରି ବିଡ଼ିଓ ଭାବେ ନିଯୁକ୍ତି ପାଇବା ପରେ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରିଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକରେ ଆଜି ନୂତନ ବିଡ଼ିଓ ସୁନୀଲ କୁମାର ଟୁଡୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଯୋଗଦାନ ସମୟରେ ଭାରପ୍ରାପ୍ତ ବିଦାୟୀ ବିଡ଼ିଓ ଶାଶ୍ୱତୀ ସାହୁଆନ ବ୍ଲକ ଗୃହରେ ନୂତନ କରି କାର୍ଯ୍ୟରେ ଯୋଗଦାନ କରିଥିବା ଶ୍ରୀ ଟୁଡୁଙ୍କୁ ସମସ୍ତ ଦାୟୀତ୍ୱ ହସ୍ତାନ୍ତର କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୧୮ମାସ ମଧ୍ୟରେ ୭ଜଣ ବିଡ଼ିଓ ଅସ୍ଥାୟୀ ଭାବେ ଏଠାରୁ ବିଦାୟ ନେଇଛନ୍ତି । ସିମୁଳିଆ ବ୍ଲକ ସବୁବେଳେ ସମ୍ବେଦନଶୀଳ ବ୍ଲକ ହୋଇଥିବା ବେଳେ ତାଙ୍କ ନିଯୁକ୍ତି ଅଂଚଳବାସୀଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି । ଅପରପକ୍ଷେ ନୂତନ ବିଡ଼ିଓଙ୍କୁ ନୂତନ ଆର୍ଥିକ ବର୍ଷ ୪ମାସ ମଧ୍ୟରେ ପଡିରହିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଶେଷ କରିବାକୁ ପଡିବ ଏଥି ସହିତ ନୂତନ ବିଡ଼ିଓଙ୍କୁ ନୂତନ ଆହ୍ୱାନ ସାମନା କରିବାକୁ ପଡିବ ।

୧୨ ଜଣ ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ

ନୀଳଗିରି, ୦୧/୧୨ (ଆ.ପ୍ର) : ନୀଳଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୧୨ ଜଣ ମୃତ ଜମାକାରୀଙ୍କ ଉତରାଧିକାରୀଙ୍କୁ ୨୪ ଲକ୍ଷ ଟଙ୍କାର ଚେକ୍ ରାଶି ପ୍ରଦାନ କରାଯାଇଛି । ଯାହାକୁ ନେଇ ଆଜି ଅପରାହ୍ନରେ ନୀଳଗିରି ସ୍ଥିତ ବ୍ୟାଙ୍କ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଜୋନାଲ ମୁଖ୍ୟ ଉମାକାନ୍ତ ପୁଜାରୀ, ଆଂଚଳିକ ଅଧିକାରୀ ବିରେନ୍ଦ୍ର କୁମାର ସିଂ, ନୀଳଗିରି ଏନ୍ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ନୀଳଗିରି ଶାଖା ପରିଚାଳକ ପ୍ରଫୁଲ୍ଲ ଶିଅଳ, ପ୍ରଶାନ୍ତ କୁମାର କେସୀ, ସନ୍ଦୀପ କୁମାର ସାହୁ, ସରୋଜ ମହାପାତ୍ର, ରାକେଶ ସେଠୀ, ବିଶ୍ୱଜିତ୍ ପାଲ୍, ଶିବରାମ ରାଉତ, ପ୍ରଦିପ ମହାପାତ୍ର , ସାଇବା ସିଂ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଦୁଇଟି ଯୋଜନା ସମ୍ପର୍କ ରେ ଉପସ୍ଥିତ ହିତାଧିକାରିଙ୍କୁ ଅବଗତ କରାଇଥିଲେ । କଂଟାବଣିଆ ଗ୍ରାମର ଭାଗବତ ବେହେରା, ଶିଶିଆ ଗ୍ରାମର ମାଣିକ ସିଂ, ତେଣ୍ଡା ଗ୍ରାମର ସୁକୁରା ସିଂ, ବରହମପୁର ଗ୍ରାମର ତପସ୍ୱିନୀ ରଣା ଓ ଲଡଙ୍ଗ ଗ୍ରାମର ପର୍ଶୁରାମ ସାମଲ, ଡମ୍ବୁରଘାଟୀ ଗ୍ରାମର ମୁଗ ସିଂ, କଣ୍ଟିଆଟିକର ଗ୍ରାମର ବିଶ୍ୱନାଥ ଆଚାର୍ଯ୍ୟ, କିଶୋରଚନ୍ଦ୍ରପୁର ଗ୍ରାମର ରଇବାରୀ ସିଂ, ଧୋବଣିଜା ଗ୍ରାମର ମଧୁସ୍ମିତା ବାରିକ, ତରଡୁଆ ଗ୍ରାମର ଭାନୁପ୍ରିୟା ସାହୁ, ନରଣପୁର ଗ୍ରାମର ପାର୍ବତୀ ରାଉତଙ୍କ ପ୍ରମୁଖଙ୍କ ଉତରାଧିକାରୀଙ୍କୁ ଏହି ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ସୂଚନାରୁ ଜଣାଯାଇଛି , ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୧୮ରୁ ୫୫ ବର୍ଷୀୟ ଜମାକାରୀ ନିଜର ଖାତାରେ ବାର୍ଷିକ ୪ ଶହ ୩୬ ଟଙ୍କା ଜମା କରୁଥିବା ବେଳେ ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୧୮ ବର୍ଷରୁ ୭୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୨୦ ଟଙ୍କା ଦେଇ ଦୁର୍ଘଟଣା । ଉଭୟ ଯୋଜନାରେ ସାମିଲ ଜମାକାରୀଙ୍କ ମୃତ୍ୟୁ ପରେ ଉତରାଧିକାରୀ ଗୋଟିଏ ମାସ ମଧ୍ୟରେ ବୀମା ରାଶି ପାଇପାରିବେ ବୋଲି ଶାଖା ପରିଚାଳକ ପ୍ରଫୁଲ୍ଲ ଶିଅଳ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନାରେ ସାପ କାମୁଡା, ପାଣିରେ ପଡିବା, ଗଛରୁ ପଡିବା, ବଜ୍ରପାତ ଆଦିର ମୃତ୍ୟୁ ବୀମା ଅନ୍ତର୍ଭୁକ୍ତ ରହିଛି ।

ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ

ଲଙ୍ଗଳେଶ୍ୱର, ୦୧/୧୨ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଏନ ଏସ ଏସ ଦ୍ୱାରା ବିଶ୍ୱ ଏଡସ୍ ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ଗୈାରାଙ୍ଗ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ ମେଡିକାଲ ଅଫିସର ଡକ୍ଟର ମନ୍ଦାକିନୀ ଜେନା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝୁନାବାଳା ଦେ, ସ୍ୱାସ୍ଥ୍ୟ ପରିଦର୍ଶକ ଅଜୟ କୁମାର ପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ସଚେତନତା ସମ୍ପର୍କରେ ତତ୍ତ୍ୱଦର୍ଶୀ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ତଥା ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ବିକାଶ କୁମାର ଜେନା, ରାଜନୀତି ବିଭାଗ ବିଭାଗୀୟ ମୁଖ୍ୟ ରଂଜନ କୁମାର ପାଢ଼ୀ, ଯୁକ୍ତ ତିନି ଏନଏସଏସର ପ୍ରୋଗ୍ରାମ ଅଫିସର ତଥା ବାଣିଜ୍ୟ ଅଧ୍ୟାପକ ପ୍ରେମାନନ୍ଦ ସେଠୀ, ଯୁକ୍ତ ଦୁଇର ଏନଏସଏସର ପ୍ରୋଗ୍ରାମ ଅଫିସର ତଥା ଓଡ଼ିଆ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ, ଅଧ୍ୟାପକ ସୁଦର୍ଶନ ରଣାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ବିଶ୍ୱ ଏଡ୍ସ ଦିବସର ଅବସରରେ ଯୋଡି ଦିଅନ୍ତୁ ସିଡିଏମ୍‌ଓ ଡ.ଅଲ୍ଲୀ କହିଛନ୍ତି ବିଭିନ୍ନ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଯାଇଛି ଯଥା ପରାମର୍ଶ କେନ୍ଦ୍ରରେ ସହଭାଗିତା,ଏଡ୍ସ ନିରାକରଣ ପାଇଁ ପ୍ରଚାର ଓ ପ୍ରସାର, ସ୍ୱେଚ୍ଛାସେବୀ ସଂଗଠନ ଏସ୍‌ଡବ୍ଲୁଡବ୍ଲୁଏସ୍‌ର ଟିଆଇ ପ୍ରକଳ୍ପ ସହ ସହଭାଗିତା ଉଦ୍ୟମ ଜାରୀ ରହିଛି । ଜିଲ୍ଲାରେ ଅଦ୍ୟାବଧି ୫୫୯ ଜଣ ଏଡ୍ସ ହୀତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି ।

ବେକରେ ଚାଦର ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଲଙ୍ଗଳେଶ୍ୱର, ୦୧/୧୨ (ଆ.ପ୍ର) : କଥାରେ ଅଛି ଭାଇଠାରୁ ଶତ୍ରୁ ନାହିଁ କି ଭାଇ ଠାରୁ ମିତ୍ର ନାହିଁ । ଘରଡିହ ଭାଗବଂଟାକୁ କେନ୍ଦ୍ର କରି ବଡ ଭାଇର ମାନସିକ ଯନ୍ତ୍ରଣା ସହି ନ ପାରି ସାନ ଭାଇ ନିଜ ଶୋଇବା ଘର ଫ୍ୟାନରେ ବେକରେ ଚାଦର ଲଗାଇ ମୃତ୍ୟୁବରଣ କରିଛି । ଏଭଳି ଏକ ଅଭାବନିୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ନାବରା ପଂଚାୟତ ନାବରା ଗ୍ରାମରେ । ଘଟଣାରୁ ପ୍ରକାଶ ଯେ ନାବରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ର ଏବଂ ସାନ ଭାଇ ମୃତ୍ୟୁଞ୍ଜୟ ପାତ୍ର ବୟସ (୫୦) ବର୍ଷ । ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଘରଡିହକୁ ନେଇ ବଡ ଭାଇ ଓ ପୁତୁରା ଶିବନାରାୟଣ ପାତ୍ର ଦୁହେଁ ବାପ ପୁଅ ମିଶି ମୃତ୍ୟୁଞ୍ଜୟକୁ ବିଭିନ୍ନ ସମୟରେ ମାନସିକ ଯନ୍ତ୍ରଣା ଦେଇ ଆସୁଥିଲେ । ମିମାଂଶା ପାଇଁ ଚେଷ୍ଟା କରି ମଧ୍ୟ ଗ୍ରାମ ବାସୀଙ୍କୁ ଗାଳିଗୁଲଜ କରିଥିଲେ ବାପ ପୁଅ । ଯାହାର ପରିଣତି ଆଜି ପ୍ରାୟ ଦିନ ୨ ଟା ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ମୃତ୍ୟୁଞ୍ଜୟ ଶୋଇବା ଘର ଫ୍ୟାନରେ ଚାଦର ଲଗାଇ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ସାଙ୍ଗେ ସାଙ୍ଗେ ନିକଟସ୍ଥ ବସ୍ତା ହସ୍ପିଟାଲକୁ ନେଇଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଚୈତନ୍ୟ ପାତ୍ର ବଡ଼ବାପାଙ୍କ ଧମକ ଓ ମାନସିକ ଯନ୍ତ୍ରଣା ସହି ନ ପାରି ମୃତ୍ୟୁବରଣ କରିଛନ୍ତି ଏବଂ ମୋ ବାପାଙ୍କ ମୃତ୍ୟୁର କାରଣ ବଡବାପା ଏବଂ ତାଙ୍କ ପୁଅ ବୋଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପାଇ ସିଂଲା ପୋଲିସ ତଦନ୍ତ ଚଳାଇ ଥିବା ଜଣା ପଡିଛି ।

୫ରେ ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ବିଧାନ ସଭା ଘେରାଓ



ବାଲିଆପାଳ, ୦୧/୧୨ (ଆ.ପ୍ର) : ପ୍ରାଥମିକ ଶିକ୍ଷକ ମହାସଂଘ ବାଲିଆପାଳ ତରଫରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦୁଇ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ମୂଳ ପଦବୀକୁ ଅପଗ୍ରେଡ କରି ଲେବେଲ ନଅ ଅନୁଯାୟୀ ମୂଳ ବେତନ ୩୫,୪୦୦ ପ୍ରଦାନ ତଥା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ ସହ ଛଅ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରି ଛଅ ଟି ନୋସନାଲ ଇନ୍‌କ୍ରିମେଂଟ ପ୍ରଦାନ କରିବା ଦାବିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ସଂଘ ପକ୍ଷରୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି । ଆସନ୍ତା ଡିସେମ୍ବର ପାଂଚ ତାରିଖରେ ଭୁବନେଶ୍ୱରରେ ବିଧାନ ସଭା ଘେରାଓ ରେ ବାଲିଆପାଳ ବ୍ଲକ୍ ର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ତରଫରୁ ଘୋଷଣା କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ନେତା ସୁବାସ ଚନ୍ଦ୍ର ଭଞ୍ଜ, ନିତାଇ ଚରଣ ରାଉଳ, ପୂର୍ଣ୍ଣେନ୍ଦୁ ଦାସ, ସୁଶାନ୍ତ ଗିରି, ବ୍ୟୋମକେଶ ସାହୁ, ଧନଞ୍ଜୟ ଦେ, ସତ୍ୟବ୍ରତ ତ୍ରିପାଠୀ, ଜ୍ୟୋତିପ୍ରକାଶ ଜେନା, ପବନ ଦେ, ସୁରଥ ପ୍ରମାଣିକ, ଅତୁଲ ସାହୁ, ଅରୁଣ ପତି, ନିହାର ରଞ୍ଜନ ଜେନା, ସନ୍ତୋଷ ଜେନା, ଜଗନ୍ନାଥ ଦାସ, ଧର୍ମପଦ ମହାପାତ୍ର, ଶକୁନ୍ତଳା ପ୍ରଧାନ, ହେମନ୍ତ ମହାନ୍ତି, କେଶବ ପାତ୍ର, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଦାବୀ ପତ୍ର ପ୍ରଦାନ

ନୀଳଗିରି, ୦୧/୧୨ (ଆ.ପ୍ର) : ଆଜି ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ଟ୍ରେନି ଆଇପିଏସ ମନିଷା ସଗୁନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ଏଥିରେ ୧୧୨ ଜଣ ଅଭିଯୋଗ ପଞ୍ଜୀକୃତ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ନୀଳଗିରି ରକ୍ତକେନ୍ଦ୍ରର ବିଭିନ୍ନ ସମସ୍ୟା ଯଥା-ଏଲ ଟି ନିଯୁକ୍ତି, ରକ୍ତକେନ୍ଦ୍ର ଅଧିକାରୀଂକ ଶୂନ୍ୟସ୍ଥାନ ପୂରଣ,ନାକ-ପିସିଆର ପରୀକ୍ଷା ପ୍ରଭୃତିର ସମାଧାନ ନିମନ୍ତେ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ଜିଲ୍ଲାପାଳଂକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ସଂଘର ମୁଖ୍ୟ ଉପଦେଷ୍ଟା ରବି ରାଉତ, ସାଧାରଣ ସଂପାଦକ ବିଜୟ ପାତ୍ର ଏହିସବୁ ସମସ୍ୟାର ଆଶୁ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ମୟୁର ବିକାଶଙ୍କୁ ଅନୁରୋଧ କରିଛନ୍ତି ।

ମହାପାତ୍ର ବସ୍‌ର ମହାଜୁଲୁମ-ଆବଶ୍ୟକତା ଠାରୁ ନେଉଛନ୍ତି ଅଧିକ ଭଡ଼ା ଓ ଯାତ୍ରୀ
ଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି କଣ୍ଡକଟର ଏମଭିଆଇଙ୍କୁ ଅଭିଯୋଗ

ନୀଳଗିରି, ୦୧/୧୨ (ଆ.ପ୍ର) : ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବା ପାଇଁ ସାଧାରଣତଃ ଲୋକମାନେ ବସ୍ ସେବା ଉପରେ ନିର୍ଭର କରିଥାଆନ୍ତି ।ହେଲେ ମହାପାତ୍ର ନାମକ ଏକ ଘରୋଇ ବସ ଯାହାର ନମ୍ବର (ଓଡି୨୨ଏଡି୩୭୭୨) ଯାତ୍ରୀଙ୍କ ଉପରେ ଜୁଲୁମ କରୁଥିବାର ଅଭିଯୋଗ ହୋଇଛି । ସୂଚନାରୁ ଜଣାଯାଇଛି, ଉକ୍ତ ବସ୍‌ର କଣ୍ଡକଟର ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ବସ୍‌ରେ ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ଓ ଅଧିକ ଭଡା ମଧ୍ୟ ନେଉଥିବାର ଅଭିଯୋଗ ହୋଇଛି । ମହାପାତ୍ର ନାମକ ଏହି ଘରୋଇ ବସ୍‌ଟି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ପ୍ରତ୍ୟହ ଯାତ୍ରା କରୁଛି । ଏହା ଏକ ଏସି ଡିଲକ୍ସ ବସ୍ ହୋଇଥିବା ବେଳେ ଏକାକାଳୀନ ଉକ୍ତ ବସ୍‌ରେ ୩୪ ଜଣ ଯାତ୍ରୀ ଯିବା ପାଇଁ ସିଟ୍ ରହିଛି । ଆରଟିଓ ନିୟମ ଅନୁଯାୟୀ ଏହି ବସ୍‌ର କିଲୋମିଟର ପ୍ରତି ଭଡା ୧ଟଙ୍କା ୫୫ ପଇସା ରହିଛି । ହେଲେ ଉକ୍ତ ବସ୍‌ର କଂଟକଟର ୧ଟଙ୍କା ୫୭ ପଇସା ହାରରେ ଟଙ୍କା ନେଉଥିବା ବେଳେ ଯାତ୍ରୀ ମାନେ ପ୍ରତିବାଦ କଲେ ଆମର ନୂଆ ବସ୍ ଓ ୨ ବାଏ ୧ ବସ୍ ଆମର ଅଧିକ ପଇସା ଏଥିରୁ ଗୋଟିଏ ପଇସା ବି କମିବନି କହିବା ସହ ଯାତ୍ରୀ ମାନଙ୍କ ସହ ଦୁର୍ବ୍ୟବହାର କରିଥିଲେ । ଯାହାକୁ ନେଇ ସୋର ଅଂଚଳର ମୀନତି ବିଶ୍ୱାଳ, ଭଦ୍ରକର ହରେକୃଷ୍ଣ ବେହେରା ନୀଳଗିରିର, ଦିଲ୍ଲିପ କୁମାର ସ୍ୱାଇଁ ପ୍ରମୁଖ ଏ ନେଇ ଜିଲ୍ଲା ଏମଭିଆଇ ସୁଧା ମୁର୍ମୁଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ । ଭୁବନେଶ୍ୱରରୁ ଶେରଗଡ ଛକର ଦୂରତା ୧୮୮ କିମି ହୋଇଥିବା ବେଳେ ନିର୍ଦ୍ଧାରିତ ଦର ଅନୁଯାୟୀ ଭଡା ୨୯୧ ଟଙ୍କା ୪୦ ପଇସା ହେଉଥିବା ବେଳେ, ଯାତ୍ରୀମାନଙ୍କ ଠାରୁ ୩୨୦ ଟଙ୍କା ଲେଖାଏଁ ନେବା ସହ ସମସ୍ତ ଯାତ୍ରୀଙ୍କ ଠାରୁ ୧୦ ରୁ ୨୦ ଟଙ୍କା ଭଡା ଅଧିକ ନେଉଥିବାର ଦେଖିବାକୁ ମିଳିଛି । ଏ ନେଇ ଏମଭିଆଇ ଶ୍ରୀମତୀ ମୁର୍ମୁଙ୍କୁ ପଚାରିବାରୁ ଅଧିକ ଯାତ୍ରୀ ଓ ଅଧିକ ଭଡା ନେବା ଅପରାଧ ତଦନ୍ତ ହେବ । ଯଦି ଏଭଳି ହୋଇ ଥାଏ, ତା ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୨ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଗୋ-ସୁରକ୍ଷା

ଯୁଗେ ଯୁଗେ ଗୋ-ସମ୍ପଦକୁ ପୂଜା କରାଯାଇ ଆସୁଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଗୋ-ସମ୍ପଦ ସହ ନିବିଡ଼ ସମ୍ପର୍କ ରହିଛି । ସେହିପରି ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଲୋକେ ଗୋ-ମାତାଙ୍କୁ ମାଆ ବୋଲି ସମ୍ବୋଧନ କରିଥାନ୍ତି । ଗୋ-ରସ ପାନ କରିବା ଦ୍ୱାରା ଆମ ଶରୀରରେ ଶକ୍ତି ବଢ଼ିଥାଏ । କ୍ଷୀର, ସର, ଲବଣୀ, ଦହି, ଘିଅ ଭଳି ଅନେକ ସୁସ୍ୱାଦୁ ବ୍ୟଞ୍ଜନ ଗୋ-ମାତାଙ୍କଠାରୁ ଉତ୍ପାଦନ କରାଯାଏ । ଭାରତୀୟ ପରମ୍ପରାରେ ଗୋ ସମ୍ପଦର ସ୍ୱତନ୍ତ୍ରତା ରହିଛି । ପ୍ରତ୍ୟେକ ଦେବାଦେବୀଙ୍କ ମନ୍ଦିରରେ ଗୋ-ପୂଜନ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଭୂମିକୁ କର୍ଷଣ କରିବା ପାଇଁ ହଳ ଲଙ୍ଗଳରେ ଗୋ-ସମ୍ପଦକୁ ବ୍ୟବହାର କରାଯାଏ । ସେହିପରି ଗୋବରକୁ ମଧ୍ୟ ବିଭିନ୍ନ ରସାୟନିକ ସାର ଓ ଇନ୍ଧନ ଗ୍ୟାସ୍ ରୂପେ ବ୍ୟବହାର କରାଯାଏ । ତେବେ ମଣିଷ ସମାଜକୁ ପ୍ରତି କ୍ଷେତ୍ରରେ ସହାୟତା କରୁଥିବା ଏହି ଗୋ-ସମ୍ପଦ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପୂର୍ବରୁ ଲୋକେ ଘରେ ଘରେ ଗୋରୁ ଗାଈ ରଖୁଥିଲେ । ନିଜ ଘରର ସଦସ୍ୟ ଭଳି ଗୋରୁଗାଈଙ୍କ ଯତ୍ନ ନେଉଥିଲେ । ଗୋରୁଗାଈଙ୍କୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ଡାକ୍ତରୀ ପରାମର୍ଶ ନେଉଥିଲେ । ଗୋରୁଗାଈଙ୍କ ପାଇଁ ଗୋ-ଖାଦ୍ୟ ସଂଗ୍ରହ କରୁଥିଲେ । ଗୋରୁ ଗାଈଙ୍କ ପାଇଁ ବ୍ୟାପକ ଚାରଣ ଭୂଇଁ ଥିଲା । ହେଲେ ବର୍ତ୍ତମାନ ସମୟରେ ଗୋରୁଗାଈ ପାଳନ କରିବା ପାଇଁ ଅନେକ ଲୋକ ପସନ୍ଦ କରୁନାହାଁନ୍ତି । ଗୋ-ସମ୍ପଦ ଆଜି ବିପଦରେ । ଦିନକୁ ଦିନ ଗୋ-ସମ୍ପଦର ଚୋରା ଚାଲାଣ ଓ ବେଆଇନ କାରବାର ବଢ଼ିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥ ଦେଇ ପଡ଼ୋଶୀ ଜିଲ୍ଲାମାନଙ୍କୁ ବେଆଇନ ଗୋ-ଚାଲାଣ କରାଯାଉଛି । ରାତ୍ରି ସମୟରେ ପିକ୍‌ଅପ୍, ଟ୍ରକ୍ ଯୋଗେ ହେଉଛି ଗୋ-ଚାଲାଣ । ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ବିଭିନ୍ନ ସମୟରେ ବେଧଡ଼କ ଗୋ-ଚାଲାଣ ହେଉଛି । ବାହାର ରାଜ୍ୟର ଦଲାଲମାନେ ଗୋରୁଗାଈଙ୍କୁ ନଦୀ ପାର କରି ନେଉଛନ୍ତି । ବିଭିନ୍ନ କଂସେଇ ଖାନାକୁ ଏହି ଗୋରୁଗାଈଙ୍କ ନିଆଯାଉଛି । ଗୋ-ଚାଲାଣ କରିବା ପାଇଁ ଦଲାଲମାନେ ଆପଣେଇ ନେଉଛନ୍ତି ବିଭିନ୍ନ ତରିକା । ସେମାନେ ରାତିର ଅନ୍ଧାରରେ ଗୋରୁଗାଈମାନଙ୍କ ଶହ ଶହ କିଲୋମିଟର ଚଲେଇ ଚଲେଇ ନେଉଛନ୍ତି । ଦଲାଲମାନେ ଗୋ-ଚାଲାଣ ବେଳେ ପ୍ରଶାସନିକ ଅଧିକାରୀଙ୍କୁ ଡରୁନାହାଁନ୍ତି । କିଛି କିଛି ସ୍ଥାନରେ ଦଲାଲମାନେ ହାତଗୁଞ୍ଜା ଦେଇ ମଧ୍ୟ ଖସି ଯାଉଛନ୍ତି । ବିଧି ଓ ପରମ୍ପରା ଅନୁଯାୟୀ ଗୋ-ପୂଜନ କାର୍ଯ୍ୟ ହୋଇଥାଏ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏହି ପୂଜା ପରମ୍ପରା ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଓଡ଼ିଶାରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଗହ୍ମାପୂର୍ଣ୍ଣିମା ଦିନ ସ୍ୱତନ୍ତ୍ର ଭାବେ ଗୋ-ପୂଜନ କରାଯାଏ । ଗୋରୁ ଗାଈଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ଗୋ-ଶାଳାମାନ ନିର୍ମାଣ କରାଯାଇଛି । ଯେଉଁଠାରେ ବୁଲା ଗୋରୁଗାଈଙ୍କୁ ରଖି ଯତ୍ନ ନେବାର ବ୍ୟବସ୍ଥା ରହିଛି । ସେଠାରୁ ନିର୍ଗତ ହେଉଥିବା ଗୋବରକୁ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଲଗାଯାଉଥାଏ । ଆମ ରାଜ୍ୟରେ ଗୋ-ହତ୍ୟା ନିରୋଧ ଆଇନ ପୂର୍ବରୁ ରହିଛି । ଏହା ବ୍ରିଟିଶ୍ ଶାସନ ସମୟରୁ ପ୍ରଚଳିତ । ତେବେ ଏଥିରେ ଯେଉଁ ଦଣ୍ଡ ବ୍ୟବସ୍ଥା ରହିଛି ତାହା ବର୍ତ୍ତମାନ ସମୟରେ ଅନୁପଯୋଗୀ । ଗୋ-ଚାଲାଣ, ଗୋ-ହତ୍ୟା, କୃତ୍ରିମ ପ୍ରଜନନ ଓ ଗୋ-ବଂଶମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବଢୁଥିବାରୁ ଏହି ଆଇନ୍ ପ୍ରଣୟନ କରାଯାଇଛି । ଖୋଲା ବଜାରରେ, ସହର ମାନଙ୍କରେ, ବଡ଼ ବଡ଼ ହୋଟେଲ ରେଷ୍ଟୁରାଣ୍ଟମାନଙ୍କରେ ମଧ୍ୟ ଗୋମାଂସ ରୋଷେଇ ହୋଇ ବିତରଣ ହେଉଛି । ସହର ତଥା ଗ୍ରାମାଞ୍ଚଳର ବଳିତ ବସ୍ତିରେ ଧର୍ମନାମରେ ଅଣହିନ୍ଦୁମାନେ ଗୋ-ହତ୍ୟା କରି ଅଧର୍ମ କରିଚାଲିଛନ୍ତି । ଗାଈ ତଥା ଗୋବଂଶର ଉପକାରିତା, ପଞ୍ଚଗବ୍ୟ ବ୍ୟବହାରରେ ଆରୋଗ୍ୟତା ଲାଭ ବିଷୟକୁ ଲୋକାଭିମୁଖୀ କରିବା ସମସ୍ତଙ୍କର ଦାୟିତ୍ୱ । କିନ୍ତୁ ଏଥିପ୍ରତି କାହାର ଆନ୍ତରିକତା କିମ୍ବା ସମ୍ବେଦନଶୀଳତା ନଥିବା ଭଳି ମନେ ହୁଏ । ରାଜ୍ୟରେ ଦିନକୁ ଦିନ ବେଆଇନ ଗୋ-ଚାଲାଣ ବଢ଼ିବାରେ ଲାଗିଛି । ବିଗତ କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୋରୁ ଚାଲାଣ ହୋଇଥିବା ନଜର ରହିଛି । କିଛି ଅସାମାଜିକ ବ୍ୟକ୍ତି ଟଙ୍କା ରୋଜଗାର କରିବା ପାଇଁ କୃଷକର ବଳ ତଥା ହିନ୍ଦୁଧର୍ମରେ ଗୋମାତା କୁହାଯାଉଥିବା ଗୋରୁଗାଈଙ୍କୁ ପଡ଼ୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି । ପଡ଼ୋଶୀ ରାଜ୍ୟଗୁଡ଼ିକରେ ଓଡ଼ିଶାରୁ ଚାଲାଣ ହେଉଥିବା ଗୋରୁମାନଙ୍କର କ୍ଷୁଧା ମେଣ୍ଟାଉଥିବା ଚର୍ଚ୍ଚା ହେଉଛି । ବେଆଇନ ଗୋରୁ ଚାଲାଣ କରୁଥିବା ବେପାରୀ ଓ ଦଲାଲମାନଙ୍କ ବିରୋଧରେ ସ୍ଥାନୀୟ ପୁଲିସ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି । ଗୋରୁଗାଈଙ୍କୁ ବିପଦସଂକୁଳ ଅବସ୍ଥାରେ ଗାଡ଼ିରେ ଭର୍ତ୍ତି କରି ନିଆଯାଉଥିବାରୁ କେତେକ ଗୋରୁଗାଈର ମୃତ୍ୟୁ ହେଉଥିବା ନଜରକୁ ଆସିଛି । କୃଷିକାର୍ଯ୍ୟରେ ନିରନ୍ତର ସହଯୋଗ କରୁଥିବା ଗାଈ, ବଳଦ ଏବେ ସୁରକ୍ଷିତ ନାହାଁନ୍ତି । ଅତୀତରେ ଯେଉଁ ଗାଁରେ ପ୍ରାୟ ୫୦୦ ଗାଈ, ବଳଦ, ବାଛୁରୀ ଥିଲେ ସେଠାରେ ଆଜିର ଦିନରେ ୧୦୦ ଗୋରୁ ଦେଖାଯାଉନାହାଁନ୍ତି । ଦିନ ଥିଲା ୨ ଏକର ଜମି ଥିବା ଚାଷୀର ଘରେ ହଳେ ବଳଦ, ଅତିକମ୍‌ରେ ୨ଟି ଗାଈ ଥିଲେ । କିନ୍ତୁ ଆଜି ସମୟ ବଦଳି ଯାଇଛି । ୧୦ ଏକର ଜମି ଥିବା ଚାଷୀ ପାଖରେ ବଳଦ ନାହାଁ । ଏବେ ବିଭିନ୍ନ କିସମର କୃଷି ଯନ୍ତ୍ରପାତି ଚାଷୀଙ୍କୁ କୃଷିକ୍ଷେତ୍ରରେ ସହଯୋଗ କରୁଛି । ଚାଷୀ ନିଜର ଫସଲ ଉପୁଜାଇବା ପାଇଁ ଗାଈ ବଳଦର ଗୋବରକୁ ବ୍ୟବହାର କରୁନାହିଁ । କାରଣ ଗୋବର ପାଇବା ପାଇଁ ପାଖରେ ଗାଈ ଓ ବଳଦ ନାହିଁ । ଫଳରେ ବାଧ୍ୟ ହୋଇ ଚାଷୀମାନେ ରସାୟନିକ ସାର ବ୍ୟବହାର କରୁଛନ୍ତି । ଏହି ରସାୟନିକ ସାରର ବ୍ୟବହାର ଯୋଗୁଁ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଅପରପକ୍ଷେ ଗାରୁଗାଈଗୁଡ଼ିକୁ ଲୋକେ ରାଜରାସ୍ତା ଉପରେ ଛାଡ଼ି ଦେଉଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି । କ୍ରମଶଃ ଜବରଦଖଲ ବୃଦ୍ଧି ପାଉଥିବାରୁ ଚାରଣ ଭୂଇଁ ସମସ୍ୟା ମଧ୍ୟ ଦେଖାଦେଇଛି । ତେବେ ଗୋରୁ ଗାଈର ସୁରକ୍ଷା ପାଇଁ ଆମେ ପ୍ରତ୍ୟେକଟି ସ୍ତରରୁ ଉଦ୍ୟମ କରିବା ଉଚିତ ।

ଅନ୍ତଃଧାର୍ମିକ ସଂଳାପ ସାମ୍ପ୍ରଦାୟିକ ସଦ୍‌ଭାବର ଏକ ପନ୍ଥା

॥ ଅଲତାଫ୍ ମିର ॥

ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ, ଧାର୍ମିକ ବିବିଧତା ଜୀବନର ଏକ ସ୍ୱାଭାବିକ ଅଂଶ । ଆମ ସମାଜରେ ବିଭିନ୍ନ ଧର୍ମବିଶ୍ୱାସ ହିନ୍ଦୁ, ଇସଲାମ, ଖ୍ରୀଷ୍ଟିଆନ, ବୌଦ୍ଧ, ଶିଖ୍, ଇହୁଦୀ ଧର୍ମକୁ ଅନୁସରଣ କରୁଥିବା ବ୍ୟକ୍ତିମାନେ ନିଜ ନିଜ ବିଶ୍ୱାସ, ଅଭ୍ୟାସ ଏବଂ ପରମ୍ପରାକୁ ପାଳନ କରନ୍ତି । ବାହ୍ୟସ୍ତରରେ ଏହି ଧର୍ମ ଗୁଡିକ ଭିନ୍ନ ଲାଗୁଥିଲେ ମଧ୍ୟ ସେମାନେ ଶାନ୍ତି, ପ୍ରେମ, ଦୟାର ସାଧାରଣ ମୂଲ୍ୟବୋଧକୁ ପାଳନ କରନ୍ତି । କିନ୍ତୁ ଭୁଲ୍ ବୁଝାମଣା, ଜ୍ଞାନର ଅଭାବ ଏବଂ ବେଳେବେଳେ ରାଜନୀତି ଯୋଗୁଁ ଧର୍ମ ବେଶର କାରଣ ପାଲଟିଥାଏ । ଏହି ମୁହୂର୍ତ୍ତରେ ଅନ୍ତଃଧାର୍ମିକ ସଂଳାପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଆମକୁ ପରସ୍ପରକୁ ବୁଝି ଶାନ୍ତିରେ ଜୀବନଯାପନ କରିବାକୁ ସାହାଯ୍ୟ କରିଥାଏ । ଗୋଟିଏ ଧର୍ମକୁ ଅନ୍ୟ ଧର୍ମଠାରୁ ଭଲ ବୋଲି କହିବା ଏହାର ଉଦ୍ଦେଶ୍ୟ ନୁହେଁ ବରଂ ପରସ୍ପରକୁ ଶୁଣି ଓ ବୁଝି ପରସ୍ପରଠାରୁ ଶିକ୍ଷା ଲାଭକରିବା ହେଉଛି ଏହାର ଉଦ୍ଦେଶ୍ୟ ।

ଧାର୍ମିକ ମତଭେଦ ବେଳେ ବେଳେ ଅବିଶ୍ୱାସ, ଘୃଣା ଏବଂ ହିଂସାର କାରଣ ହୋଇଯାଏ । ଅନେକ ସମୟରେ ସମାଜରେ ସାମ୍ପ୍ରଦାୟିକ ଦଙ୍ଗା, ସାମାଜିକ ଅସ୍ଥିରତା ଏବଂ ଘୃଣା ଦେଖିବାକୁ ମିଳେ କାରଣ ଯେତେବେଳେ ଲୋକ ଅନ୍ୟ ଧର୍ମ ବିଷୟରେ ଜାଣି ନଥାନ୍ତି, ସେତେବେଳେ ମିଥ୍ୟା ତଥ୍ୟକୁ ବିଶ୍ୱାସ କରିବା କିମ୍ବା ଘୃଣା ଦ୍ୱାରା ସହଜରେ ପ୍ରଭାବିତ ହୋଇଯାଉଥାଆନ୍ତି । ଅନ୍ତଃଧାର୍ମିକ ଆଲୋଚନା ଏହି ଭୁଲ୍ ବୁଝାମଣାକୁ ଦୂର କରିବା ସହିତ ସମ୍ପ୍ରଦାୟ ମଧ୍ୟରେ ବନ୍ଧୁତା ଗଠନ କରିବା, ପରସ୍ପରର ବିଶ୍ୱାସ ଏବଂ ମୂଲ୍ୟବୋଧକୁ ବୁଝିବା ଏବଂ ଶିକ୍ଷା, ପରିବେଶ ଏବଂ ସାମାଜିକ ନ୍ୟାୟ ଭଳି ସାଧାରଣ ଲକ୍ଷ୍ୟ ଗୁଡିକୁ ମିଳିମିଶି ହାସଲ କରିବାରେ ସାହାଯ୍ୟ କରିଥାଏ । ଏହିପରି ପ୍ରୟାସ ଶାନ୍ତି ଏବଂ ଏକତାକୁ ପ୍ରୋତ୍ସାହିତ କରେ ଏବଂ ଅଜ୍ଞତା କିମ୍ବା ଭୟ ଦ୍ୱାରା ହେଉଥିବା ହିଂସାକୁ ବନ୍ଦ କରାଇଥାଏ । ଅନ୍ତଧାର୍ମିକ ଆଲୋଚନାର ମୁଖ୍ୟ ଲକ୍ଷ ହେଉଛି, ବିଭିନ୍ନ ଧର୍ମ ମଧ୍ୟରେ ସମାନତାକୁ ଖୋଜି ବାହାର କରିବା । ପ୍ରାୟ ସମସ୍ତ ଧର୍ମ ଶାନ୍ତି, ଅହିଂସା, କରୁଣା ଦୟା ସତ୍ୟ, ବଡମାନଙ୍କୁ ସମ୍ମାନ, ଗରିବଙ୍କ ପ୍ରତି ଯତ୍ନ, କ୍ଷମା ଏବଂ ନମ୍ରତା ବିଷୟରେ ବାର୍ତ୍ତା ଦିଅନ୍ତି । ଉଦାହରଣ ସ୍ୱରୂପ, ହିନ୍ଦୁ ଧର୍ମ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ସମଗ୍ର ବିଶ୍ୱ ହେଉଛି ମୋ ପରିବାର, ଇସଲାମ୍ ?ର ରହମା ଅର୍ଥାତ୍ କରୁଣା ଏବଂ ସଲାମ୍ ଅର୍ଥ ଶାନ୍ତି ଉପରେ ଗୁରୁତ୍ୱ ଦିଏ । ଖ୍ରୀଷ୍ଟିଆନ୍ ଧର୍ମ ନିଜ ପଡୋଶୀଙ୍କୁ ନିଜପରି ଭଲପାଇବା ଶିଖାଏ, ବୌଦ୍ଧ ଧର୍ମ ଅହିଂସା ସଚେତନତାକୁ ପ୍ରୋତ୍ସାହିତ କରେ । ଶିଖ୍ ଧର୍ମ ସରବତ୍ ଦା ଭ ଲା ଅର୍ଥାତ୍ ସମସ୍ତଙ୍କ ମଙ୍ଗଳ ଏବଂ ଜୈନ ଧର୍ମ ଅପରିଗ୍ରହ ଯେତେବେଳେ ଲୋକମାନେ ପରସ୍ପର ଗ୍ରହ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଗୁରୁତ୍ୱ ଦିଅନ୍ତି । ରସ୍ୱର ସହିତ ଧାର୍ମିକ ଆଲୋଚନା କରନ୍ତି ସେମାନେ ଯାହାଦ୍ୱାରା ପରସ୍ପର ମଧ୍ୟରେ ମାନବିକତା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ଭିତିଭୂମି । ପରସ୍ପର ଅନୁଭବ କରନ୍ତି ଯେ ସେମାନେ ଭିନ୍ନ ନୁହନ୍ତି ବୃଦ୍ଧିପାଇଥାଏ ଥାଏ ଓ ତାହା ହେଉଛି ସାମ ମଧ୍ୟରେ ଧାର୍ମିକ ଆଲୋଚନାକୁ ବଡା କଲେଜ ଗୁଡିକ ମଧ୍ୟ ଛାତ୍ରଛାତ୍ରୀ ଶିକ୍ଷା ଦେବା ଉଚିତ । ଯେତେବେଳେ ଜାଣିଥାଆନ୍ତି ସେମାନେ ଅନ୍ୟ ହୋଇଥାଏ । ବିଭିନ୍ନ ଧର୍ମର ଲୋକଙ୍କୁ ଆୟୋଜନ ଫଳରେ ପରସ୍ପର ମଧ୍ୟର ବୁଝାମଣା ଗଠନ ପରସ୍ପରର ପର୍ବଗୁଡିକୁ ଏକାଠି ପାଳନ କରିବା ଆନନ୍ଦ ଏ କରିଥାଏ । ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରା ପ୍ରମୁଖମାନେ ଏକାଠି ହୋଇ ଶାନ୍ତି ଓ ଏକତାର ବାର୍ତ୍ତା ସକାରାତ୍ମକ ପ୍ରଭାବ ପକାଇଥାଏ । ସେହିପରି ଗଣମାଧ୍ୟମ ସହଯୋଗର ବାର୍ତ୍ତାର ପ୍ରସାର କରିବା ଉଚିତ୍ ଭବିଷ୍ୟତ । ଛାତ୍ର ଏବଂ ଯୁବଗୋଷ୍ଠୀ ପାଇଁ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଦୀର୍ଘସ୍ଥାୟୀ ବିଭିନ୍ନ ଧର୍ମର ଲୋକେ ମିଳିମିଶି କା ଭୁଲିଯାଆନ୍ତି । ଭାରତରେ ସମୟ ସମ ଧାର୍ମିକ ସୌହାର୍ଦ୍ଦ୍ୟର ଅନେକ କାହାଣୀ ମ କାହାଣୀ ମଧ୍ୟ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ କେରଳର ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ ସମୂହଭାବେ ଭାଗ ନାଜୁ ବଢାଇବା ପାଇଁ ଅନେକ ଉପାୟ ଅଛି । ସ୍କୁଲ୍ ମାନଙ୍କୁ ସମ୍ମାନଜନକ ଏବଂ ବିଭିନ୍ନ ଧର୍ମ ବିଷୟରେ ଜେ ଛାତ୍ରଛାତ୍ରୀ ସବୁଧର୍ମର ସୌନ୍ଦର୍ଯ୍ୟ ବିଷୟରେ ଧର୍ମକୁ ଘୃଣାକରିବାର ସମ୍ଭାବନା ବହୁତ କମ୍ ସାମିଲ କରି ସେମିନାର୍ କିମ୍ବା ୱାର୍କସପ୍ ରିବା ସହଜ ହୋଇଥାଏ । କରିବା ସହଜ ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ ଏବଂ ଅନ୍ୟାନ୍ୟ ପ୍ରଚାସ୍ଥଳର ଦିଅନ୍ତି ଯାହା ଲୋକଙ୍କ ଉପରେ ଗଣମାଧ୍ୟମ ସର୍ବଦା ସୌହାର୍ଦ୍ଦ୍ୟ ଏବଂ ଯୁବସମାଜ ହେଉଛନ୍ତି ସମାଜର ସ୍ୱତନ୍ତ୍ର ଆଲୋଚନାକୁ କିମ୍ବା ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥାଏ । ଯେତେବେଳେ କାମ କରନ୍ତି ସେମାନେ ନିଜର ପାର୍ଥକ୍ୟକୁ ସମୟରେ ସାମ୍ପ୍ରଦାୟିକ ଘଟଣା ଘଟୁଥିଲେ ମଧ୍ୟ ପରସ୍ପରର ପର୍ବପର୍ବାଣ ନେଇଥାଆନ୍ତି । ସେହିପରି ପଞ୍ଜାବରେ ମୁସଲମ ଓ ଶିଖ୍ ମାନେ ଉଭୟ ମିଶି ଲମାନ ଦେଶରେ ଇଦ୍ ଏବଂ ମସଜିଦ୍ ଏବଂ ଗୁରୁଦ୍ୱାରା ଗୁଡିକର ପୁର୍ନଉଦ୍ଧାର କରିଛନ୍ତି । ଦୀପାବଳୀ ସମୟରେ ବିଭିନ୍ନ ସମ୍ପ୍ରଦାୟର ଲୋକ କ ନିଜ ନିଜ ମଧ୍ୟରେ ମିଠା ଏବଂ ଶୁଭେଚ୍ଛାର ଆଦାନ ପ୍ରଦାନ କରିଥାଆନ୍ତି । ଅନେକ ସ ସମୟରେ ବିଭିନ୍ନ ଧର୍ମବିଶ୍ୱାସର ନେତାମାନେ ହିଂସାକୁ ରୋକିବାପାଇଁ ଶାନ୍ତିର ଶୋଭାଯାତ୍ରା ଦ୍ୱାରେ ଏକାଠି ହୁଅନ୍ତି ।

ଅନ୍ତଧାର୍ମିକ ଆଲୋଚନାର ପରମ୍ପରାକୁ ବିସ୍ତାର କରିବା ସହଜ ନୁହେଁ । । ସମାଜରେ ଏବେ ମଧ୍ୟ ଅନେକ ଅଜ୍ଞତା, ପକ୍ଷପାତ ଏବଂ ସନ୍ଦେହ ରହିଛି । କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରାଜନୈତିକ ଲାଭପାଇଁ ଲୋକଙ୍କୁ ବିଭାଜନ କରିବା ପାଇଁ ଧର୍ମର ଅପପ୍ରଚାର ପ୍ରଚାର କରନ୍ତି । ଅନ୍ୟପକ୍ଷରେ କିଛି ଲୋକ ବିଶ୍ୱାସ କରନ୍ତି ଯେ ଅନ୍ୟଧର୍ମ ବିଷୟରେ ଆଲୋଚ କରିବା ସେମାନଙ୍କ ନିଜଧର୍ମର ବିଶ୍ୱାସକୁ ଦୁର୍ବଳ କରିପାରେ । କିନ୍ତୁ ଆଲୋଚନାର ଅର୍ଥ ସବୁକିଛି ସହ ସହମତ ହେବାନୁହେଁ । ଏହାର ଅର୍ଥ ହେଉଛି ପାର୍ଥକ୍ୟ ରହିଥିଲେ ମଧ୍ୟ ପରସ୍ପରକୁ ସମ୍ମାନ କରିବା । ପ୍ରକୃତରେ ଧର୍ମ ଖୋଲା ଆଲୋଚନା, ନମ୍ରତା ଏବଂ କରୁଣାର ଶିକ୍ଷା ଦେଇଥାଏ ।

ଅନ୍ତଃଧାର୍ମିକ ଆଲୋଚନା କେବଳ ଧର୍ମ ବିଷୟରେ ନୁହେଁ, ଏହାର ଉଦ୍ଦେଶ୍ୟ ହେଉଛି ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ତିଆରି କରିବା ଯେଉଁଠାରେ ସମସ୍ତେ ସମ୍ମାନିତ ଏବଂ ସମାବେଶିତ ଅନୁଭବ କରିବେ । ଭୟ ଏବଂ ଘୃଣାକୁ ଦୂର କରିବା ପାଇଁ ଏହା ହେଉଛି ଏକ ଶକ୍ତିଶାଳୀ ମାର୍ଗ । ଯେତେବେଳେ ବିଭିନ୍ନ ବିଶ୍ୱାସର ଲୋକେ ଆଲୋଚନା କରନ୍ତି, ଶୁଣନ୍ତି ଏବଂ ଶିଖନ୍ତି ସେମାନେ ସମନ୍ୱୟର ବୀଜ ବୁଣନ୍ତି ଯାହା ଆଗକୁ ଯାଇ ଶାନ୍ତି ଏବଂ ଏକତାର ଏକ ଶକ୍ତ ବୃକ୍ଷରେ ପରିଣତ ହୋଇଥାଏ । ଭାରତ ଭଳି ଏକ ବିବିଧ ଧର୍ମାବଲମ୍ବୀ ଦେଶ ଏବଂ କ୍ରମ ସଂଯୋଗିତ ବିଶ୍ୱ ରେ ଅନ୍ତଧାର୍ମିକ ଆଲୋଚନା ଏକ ଚୟନ ନୁହେଁ ବରଂ ଏକ ଆବଶ୍ୟକତା ଅଟେ ।

(ବଳ ଦ୍ୱାରା ଶାନ୍ତି ରକ୍ଷା କରାଯାଇପାରିବ ନାହିଁ ବରଂ ଏହା କେବଳ ବୁଝାମଣା ଦ୍ୱାରା ହାସଲ କରାଯାଇପାରିବ : ଆଲବର୍ଟ ଆଇନଷ୍ଟାଇନ)

ପିଏଚ୍ ଡି ଜାମିଆ ମିଲିଆ ଇସଲାମିଆ

ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି । ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଉତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ । ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ । ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି । ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ । ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ । ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି । ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ । କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ । ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରନ୍‌ମେଂଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ । ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ । ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ । ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ । ଫଳରେ ଅତିବାଇଗଣୀ ରଶ୍ମି ଚର୍ମକୁ କର୍କଟର କାରଣ ହୋଇଥାଏ । ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ । ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ । ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ । ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ । କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ । ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ । ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ । ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି । ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ । ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ । ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ । ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି । ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ । ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି । ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି । ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି । ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି । ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି । ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ । ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି । ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି । ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖୀ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି । ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି । ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି । ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ । ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି । ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି । ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି । ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି । ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା । କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ । ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ । ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ । କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ । ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ । ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ । ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି । ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ । ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା । ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତା ମଧ୍ୟ ଖରାପ ହେଲା । ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି । ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି । ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି । ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ୍ୟ ହେବେ । ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ । ପ୍ରଦୂଷଣ ଓ ଜଳବାୟୁ ଜନିତ ସମସ୍ୟା ବର୍ତ୍ତମାନର ସମୟରେ ମାନସିକ କ୍ଷେତ୍ରକୁ ଗଭୀର ଭାବରେ ପ୍ରଭାବିତ କରୁଛି । ତେଣୁ ପ୍ରଦୂଷଣକୁ ଯଥା ସମ୍ଭବ ନିରାକରଣ କରିବା ଓ ଏହି ସମସ୍ୟାକୁ ବ୍ୟକ୍ତିଗତ ଭାବରେ କିପରି ସମାଜର ଉନ୍ନତିକଳ୍ପେ ଦୃଢ଼ବୋଧ ହୋଇ ଲୋପ କରିବା ପାଇଁ ସମ୍ମିଳିତ କାର୍ଯ୍ୟ କରିବା ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ,
ଦୂରଭାଷ : ୯୧୩୨୪୩୩୩୩୩

ସଦଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି ?

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ । ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି । ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ । ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର । ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ । ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରି ଥାନ୍ତି । ସେହି ପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ । ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ । ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି । କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ ।

କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ - ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ । ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ ? ଶ୍ରୀ ଶ୍ରୀ ଠାକୁର - ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ । ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା । ଭକ୍ତ ବ୍ୟକ୍ତି - ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ ? କେହି ଯଦି ଆର୍ତ୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର - ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ । ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ । ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି । କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୁଳ ବି ନଡ଼ି ନାହିଁ । ଏହାକୁ କୁହାଯାଏ ଆପ୍ତ ହେବା । ଏହାକୁ କୁହାଯାଏ ଅନୁରାଗ । (ଆ:ପ୍ର: ୨୦। ୨୨.୧୦.୧୯୫୧) ।

ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ । କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ । ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି । ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି । ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି । ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହଂଚ ଯାଏ । ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ । ଯାହାଫଳରେ ସଦଗୁରୁଙ୍କ ସାନ୍ନିଧ୍ୟ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ । ହୃଦୟରେ ଏହି ବିଶୁଦ୍ଧ ନବପୁଲକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ । ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ । ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତ୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି ।

ଗୁରୁ ଏବଂ ଭକ୍ତଙ୍କ ମଧ୍ୟରେ ଏହିପରି ସଂପର୍କ ସ୍ଥାପିତ ହୋଇଯିବାପରେ ଗୁରୁ ଯେଉଁଠି ଥାଆନ୍ତୁନା କାହିଁକି, ସଦାସର୍ବଦା ଶିଷ୍ୟକୁ ନିଜ ତୀକ୍ଷଣ ଦୃଷ୍ଟିରେ ରଖିଥାନ୍ତି । ଗୁରୁ ଶିଷ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଅବହିତ ଥିବାରୁ ସେ ତାକୁ ବିଭିନ୍ନ ଭାବରେ ସାହାଯ୍ୟ କରିବାକୁ ଆରମ୍ଭ କରନ୍ତି । ସଦଗୁରୁ ଏହି ସମସ୍ତ କାର୍ଯ୍ୟ ସହ ଭକ୍ତର ଭୌତିକ ଓ ମାନସିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରନ୍ତି । ଯାହାଫଳରେ ଶିଷ୍ୟର ଆଧ୍ୟାତ୍ମିକ ଉତରଣ ସମ୍ଭବ ହୁଏ । ସେ ମଧ୍ୟ ଶିଷ୍ୟକୁ ବିପଦ ସମୟରେ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରିଥାନ୍ତି ।

ସହ-ପ୍ରତିରକ୍ତିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ସେଇଠୁ ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୨ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

ନୂଆପଡ଼ା ଜିଲ୍ଲା ସାରାବଙ୍ଗ ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୦୧/୧୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ନୂଆପଡ଼ା ବ୍ଲକ ସାରାବଙ୍ଗ ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମ୍ ଓ ଡଃ ଧନେଶ୍ୱର ସେଠୀ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ସ୍ଥାନୀୟ ସରପଂଚ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ନୂଆପଡ଼ା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେଯେ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକ ମାନଙ୍କୁ ଖାଦ୍ୟ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଯେଉମାନେ ଗତ ବର୍ଷ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇଥିଲେ ସେମାନଙ୍କୁ ଅଗ୍ରାଧିକାର ଭିତିରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟାକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ ।

ବିଧାନସଭାରେ ଦଶପଲ୍ଲା ବିଧାୟକଙ୍କ ପ୍ରଶ୍ନ

ଦଶପଲ୍ଲା, ୦୧/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ବହୁ ପୁରାତନ ହୋଇଥିବା ବେଳେ ବିଗତ ବର୍ଷରେ ସିଏଚସି ମାନ୍ୟତା ପାଇଥିଲା । ତେବେ ବିଡମ୍ବନାର ବିଷୟ ଅନେକ ଆନ୍ଦୋଳନ ଓ ଚେଷ୍ଟା ପରେ ଏ ଡାକ୍ତରଖାନାଟି ଗଢି ଉଠିଥିବା ବେଳେ ଅନେକ ସମସ୍ୟା ମଧ୍ୟ ଦେଇ ଗତି କରୁଛି । ପ୍ରାୟତଃ ଆଖ ପାଖ ପଂଚାୟତର ଜନସାଧାରଣ ଏ ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ତେବେ ବର୍ତମାନ ଡାକ୍ତର ପାଂଚ ଜଣ ପୋଷ୍ଟିଙ୍ଗ ହୋଇଛନ୍ତି । ମାତ୍ର ପାଂଚ ଜଣରୁ ଦୁଇ ଜଣଙ୍କ ବଦଳି ହୋଇଛି । ଦିନକୁ ପ୍ରାୟ ୨୦୦ରୁ ଉର୍ଦ୍ଧ ରୋଗୀ ଏଠାରେ ଚିକିତ୍ସିତ ହେଉଛନ୍ତି । ମାତ୍ର ରୋଗୀଙ୍କ ପାଇଁ ବେଡ଼ ସମ୍ପୂର୍ଣ୍ଣ ମାତ୍ରାରେ ନାହିଁ । ବିଗତ ବିଜେଡ଼ି ସରକାର ସମୟରେ ଭବନ୍ତ ମାନର ଘର ପାଇଁ ୧୮ କୋଟି ଟଙ୍କା ମଂଜୁର ହୋଇଥିବା କଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନିର୍ବାଚନ ପୂର୍ବରୁ ଯୋର ଦେଇ କହିଥିଲେ । ବର୍ଷେ ହେଲା ଟେଣ୍ଡର ସରିଥିଲେ ମଧ୍ୟ ଜାଗା ସମସ୍ୟା ନେଇ କାର୍ଯ୍ୟର ଅଗ୍ରଗତି ବନ୍ଦ ରହିଥିବା ଜଣା ପଡ଼ିଛି ଯାହା ବିଷୟରେ ସୋମବାର ବିଧାନସଭାରେ ଦଶପଲ୍ଲା ବିଧାୟକ ପ୍ରଶ୍ନ କାଳରେ ନିଜ ପ୍ରଶ୍ନ ରଖିଥିଲେ । ତେବେ ଦଶପଲ୍ଲା ଡାକ୍ତରଖାନାଟି ଏହି ମଧ୍ୟଖଣ୍ଡ ସିଏଚସି ଅଣ୍ଡରରେ ଯାଉଥିଲେ ମଧ୍ୟ ଦଶପଲ୍ଲା ଡାକ୍ତରଖାନା ରେ ୪ ମହଲା ଅଟ୍ଟାଳିକା ନିର୍ମାଣ ସରିଯାଇଛି ମାତ୍ର ତାହା ଆଜି ପର୍ଯ୍ୟନ୍ତ ଉଦଘାଟିତ ହୋଇପାରୁନାହିଁ । ତେବେ ଏଠି ଦୋଷ କାହାର ବିଗତ ସରକାର ନା ନୂତନ ସରକାର କିମ୍ବା ସାଧାରଣ ଜନତା ତାହାର ଉତର କାହା ପାଖରେ ଅଛି ଜଣାପଡୁନାହିଁ । ଦେଖିବା ଆଗକୁ କଣ ହେଉଛି ତାହା ଦେଖିବାକୁ ବାକି ରହିଲା ।

ସତର୍କତା ଓ ସଚେତନତା ହିଁ ଏଡସ୍ ସଂକ୍ରମଣ ରୋକିପାରେ

ପୁରୀ, ୦୧/୧୨ (ଆ.ପ୍ର) : ଏଡସ୍ ଏକ ଅଦେଖା ମାରାତ୍ମକ ବ୍ୟାଧି । ଥରେ ଦେହରେ ଲାଗିଲେ ମୃତ୍ୟୁ ନିଶ୍ଚୟ । ଏଣୁ ଏହାଠାରୁ ଦୂରେଇ ରହି, ସତର୍କତା ଅବଲମ୍ବନ କଲେ ନିଜେ ସୁରକ୍ଷିତ ରହିବା ସହ ସମାଜକୁ ସଚେତନ କଲେ ସମାଜ ଏଡସ୍ ସଂକ୍ରମଣରୁ ବର୍ତିଯିବ ବୋଲି କହିଛନ୍ତି ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଶରଧାବାଲି ଠାରେ ସମବେତ ରାଲିକୁ ପତାକା ହଲାଇ ଉଦଘାଟନ କରିବା ସହ ଉଦବୋଧନ ଦେଇ ଶ୍ରୀ ବେହେରା, ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ କ୍ଷେତ୍ର ପୁରୀକୁ ଏଡ଼ସ କବଳରୁ ବଂଚାଇ ରଖିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ଏଡସ୍ ନିୟନ୍ତ୍ରଣ କମିଟି ସଦସ୍ୟ ସମାଜସେବୀ ଡକ୍ଟର ବଦ୍ରି ମିଶ୍ର, ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡାକ୍ତର ସୁଦର୍ଶନ ପୋଥାଳଙ୍କ ସମେତ ସରକାରୀ ଏଏନମ୍ ତାଲିମ କେନ୍ଦ୍ର, ପ୍ରିୟଙ୍କାଦେବୀ ସ୍କୁଲ ଅଫ ନର୍ସିଂ, ଆଇଏମଟି ଫାର୍ମାସୀ କଲେଜ୍, ଶୈଳବାଳା ସ୍କୁଲ ଅଫ୍ ନର୍ସିଂ, ପେନକୋଡ, ହୋପ୍ ଫାଉଣ୍ଡେସନର ଛାତ୍ର ଛାତ୍ରୀଙ୍କ ସମେତ ଅନେକ ଟ୍ରାନସଜେଣ୍ଡର ଯୋଗଦାନ କରିଥିଲେ । ପରେପରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସପିଟାଲ ର ମିଳିତ ଆନୁକୂଲ୍ୟ ତଥା ଗୋଷ୍ଠୀ ଭେଷଜ ବିଜ୍ଞାନ ବିଭାଗ ସହଯୋଗ ରେ ଡିନ୍ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଜାତୀୟ ବିଶ୍ୱ ଦିବସ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡକ୍ଟର ବଦ୍ରି ମିଶ୍ର , ଡକ୍ଟର ସଂଗୀତା ଦାସ୍ ଓ ଡାକ୍ତର ସନତ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା, ରୁଚିକର ଯୌନ ଜୀବନ ଆଧାରିତ ସୂଚନା ଦେବା ସହ ଜଙ୍କ୍ ଓ ଫାଷ୍ଟ ଫୁଡ୍ ଠାରୁ ଦୂରରେ ରହି ପୁଷ୍ଟିକର ଖାଦ୍ୟ ଗ୍ରହଣ ଉପରେ ମତ ଉପସ୍ଥାପନ କରିଥିଲେ । ଜିଲ୍ଲା ଏଡସ୍ ପର୍ଯ୍ୟାବେକ୍ଷକ ଦୁଃଖିଶ୍ୟାମ ପଟ୍ଟନାୟକ ଉଭୟ ରାଲି ଓ ଆଲୋଚନା ଚକ୍ର ପରିଚାଳନା କରିଥିଲେ । ଶେଷରେ ସତର୍କତା, ସଚେତନତା ଓ ତୁରନ୍ତ ଚିକିତ୍ସା ହିଁ ପୁରୀ ଜିଲ୍ଲାକୁ ଏଡସ୍ ମୁକ୍ତ କରିବା ବୋଲି ସମୂହ ସଂକଳ୍ପ ପାଠ କରାଯାଇଥିଲା ।

ବିଶ୍ୱ ଏଡସ ଦିବସ ସଚେତନତା ଶୋଭାଯାତ୍ରା

ଖଣ୍ଡପଡା, ୦୧/୧୨ (ଆ.ପ୍ର) : ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଶାଖା ପକ୍ଷରୁ ବିଶ୍ୱ ଏଡସ ଦିବସ ପାଳନ ଅବସରରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରୀମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ଅବସରରେ ଏଡସ ରୋଗର ଭୟାବହତା ଓ ନିରାକରଣ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ପ୍ରାରମ୍ଭରେ ଅଧକ୍ଷା ସ୍ମିତା ଶେଫାଳି ମହାପାତ୍ର ଅନୁଷ୍ଠାନ ପରିସରରେ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୁକ୍ତ ୨ ପ୍ରଥମ ଓ ୨ ୟ ବର୍ଷର ୧୫୦ରୁ ଉର୍ଦ୍ଧ ଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପରେ ମହାବିଦ୍ୟାଳୟ ପରିସରରେ ଏଡସ ଦିବସ ପାଳନର ଗୁରୁତ୍ୱ ସଂପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସେହିପରି ଏ ପରିପ୍ରେକ୍ଷୀରେ ଛାତ୍ରୀମାନଙ୍କୁ ନେଇ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ୟୁଥ ରେଡକ୍ରସ ଦାୟୀତ୍ୱରେ ଥିବା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଆଦିବାସୀ ମହାବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ

ବାଳିଗୁଡା,୦୧/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଳିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ନିପୁନ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଲକ୍ଷ୍ମଣ ପାଳ, ଗୀତାଞ୍ଜଳି ପଣ୍ଡା, ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କୁଇଜ ଓ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ କୃତୀ ପ୍ରତିଯୋଗୀ ମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଅଧ୍ୟାପିକାମାନେ ବିଚାରକ ଆସନରେ ମୂଲ୍ୟାୟନ କରିଥିଲେ । କାଉନସେଲର ମାନସ ରଂଜନ ପ୍ରଧାନ ଧ୍ୟନ୍ୟବାଦ ଅର୍ପଣ କରିଥିଲେ ।

ଦୁର୍ଘଟଣାରେ ଯୁବ କ୍ରିକେଟିୟରଂଙ୍କ ବିୟୋଗ

ପାରଳାଖେମୁଣ୍ଡି, ୦୧/୧୨ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ବ୍ଲକର ସରୋଜ କୁମାର ଦଣ୍ଡସେଣ ନିଜର ମୋଟରସାଇକେଲରେ ନିଜ ଗ୍ରାମ ଆକିଲିରୁ ଯୋଡାଆମ୍ବ ଯାଉଥିଲେ । ଚନ୍ଦ୍ରଗିରି ଠାରୁ ଅନ୍ତରବା ଯାଉଥିବା ଡାହାଣି ନାଳ ପାଖରେ ଗୋଟିଏ ସୂଚନା ଫଳକ ବୋର୍ଡ ସହ ଧକ୍କା ଦେବା ଫଳରେ ଛିଟିକି ପଡିଥିଲେ । ପଛରେ ତାଙ୍କର ବନ୍ଧୁ ବିଘ୍ନରାଜ ପରିଚ୍ଛା(୧୯) ବସିଥିଲେ । ସେ ଆହତ ହୋଇଥିଲେ ଏବଂ ସରୋଜଂଙ୍କର ବିୟୋଗ ଘଟିଥିଲା । ବିଘ୍ନରାଜଂଙ୍କୁ ସ୍ଥାନୀୟ ହସପିଟାଲକୁ ନିଆଯାଇଥିଲା । ଖବର ପାଇ ଚନ୍ଦ୍ରଗିରି ଆଉଟପୋଷ୍ଟର ଅଧିକାରୀ ସୁନୀଲ ସେଠୀ ସେଠାରେ ପହଂଚିଥିଲେ । ଏକ ଅପମୃତ୍ୟୁର ମାମଲା ଦାୟର କରି ବାଇକ ଜବତ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସରୋଜ ଚାନ୍ଦିପୁଟ କଲେଜର କଳା ବିଭାଗର ଶେଷ ବର୍ଷର ଛାତ୍ର ଥିଲେ । ଜିଲ୍ଲାସ୍ତରରେ ଜଣେ ଶ୍ରେଷ୍ଠ କ୍ରିକେଟ ଖେଳାଳି ହିସାବରେ ତାଂକର ସୁନାମ ଥିଲା ।

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୦୧/୧୨ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୨୨୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୭୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୭୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର, ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର, ଯାଜପୁର ଅଜୟ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।

ନୂଆପଡା ବିଧାନସଭା ଉପ-ନିର୍ବାଚନ ସଫଳତାର ସହିତ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜିଲ୍ଲାପାଳଙ୍କୁ ପ୍ରଶଂସାପତ୍ର ପ୍ରଦାନ

ନୂଆପଡା, ୦୧/୧୨ (ଆ.ପ୍ର) : ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ସଫଳତାର ସହିତ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା, ଜିଲ୍ଲାପାଳ ମଧୁସୂଦନ ଦାଶ ଓ ସମଗ୍ର ପ୍ରଶାସନକୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି । ଏକ ପତ୍ରରେ ଆର୍ ଏସ ଗୋପାଳନ୍ ଉଲ୍ଲେଖ କରିଛନ୍ତି ଯେ,ସମସ୍ତ ବର୍ଗର ଭୋଟର ବରିଷ୍ଠ ନାଗରିକ, ଯୁବକ, ଦିବ୍ୟାଙ୍ଗ, ମହିଳା ଏବଂ ପିଭିଟିଜିମାନେ ପ୍ରଶଂସନୀୟ ଉତ୍ସାହ ସହିତ ବହୁ ସଂଖ୍ୟାରେ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ । ଏହି ସମୟ ମଧ୍ୟରେ ଅନୁଷ୍ଠିତ ଉପ-ନିର୍ବାଚନରେ ଭୋଟରଙ୍କ ମତଦାନ ପ୍ରତିଶତ ସମଗ୍ର ଦେଶ ତୁଳନାରେ ନୂଆପଡାରେ ସର୍ବାଧିକ ଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ଭାବରେ ଜିଲ୍ଲାପାଳଙ୍କ ନେତୃତ୍ୱ ସମଗ୍ର ପ୍ରକ୍ରିୟାରେ ଦୃଶ୍ୟମାନ ଥିଲା । ସେ ନିଶ୍ଚିତ କରିଥିଲେ ଯେ ଉପନିର୍ବାଚନର ପ୍ରତ୍ୟେକ ପର୍ଯ୍ୟାୟ ନିରପେକ୍ଷତା ଏବଂ ସ୍ୱଚ୍ଛତା ସହିତ ପରିଚାଳନା କରାଯିବ । ଏକ ମୁକ୍ତ, ନିରପେକ୍ଷ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ନୀତି ବଜାୟ ରହିବ । ସମସ୍ତ ଭୋଟରଙ୍କ ନିକଟରେ ପହଂଚିବା ଏବଂ ନିର୍ବାଚନକୁ ସୁଗମ ଏବଂ ସରଳ କରିବା ପାଇଁ ଜିଲ୍ଲାପାଳଙ୍କ ଯତ୍ନର ସହିତ ପ୍ରସ୍ତୁତ ଯୋଜନାକୁ ଆନ୍ତରିକ ଭାବରେ ପ୍ରଶଂସା କରାଯାଇଛି । ଏହି ପ୍ରୟାସଗୁଡ଼ିକ ଶାନ୍ତିପୂର୍ଣ୍ଣ ମତଦାନ ଏବଂ ଭୋଟରମାନଙ୍କ ପାଇଁ ଏକ ମହାନ ଅଭିଜ୍ଞତା ପ୍ରଦାନ କରିଛି । ନିର୍ବାଚନ ପରିଚାଳନାର ସହଯୋଗପୂର୍ଣ୍ଣ ପରିବେଶରେ ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥା ସହିତ ସମନ୍ୱୟର ଅସାଧାରଣ ଦକ୍ଷତା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା । ତାଙ୍କ ନେତୃତ୍ୱରେ ସମଗ୍ର ଦଳ ଯେଉଁ ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଛନ୍ତି ତାହା ପ୍ରକୃତରେ ପ୍ରଶଂସନୀୟ । ଆନନ୍ଦର ସହିତ, ଜିଲ୍ଲାପାଳଙ୍କ ଅବଦାନକୁ ସ୍ୱୀକାର କରିବା ସହିତ ନୂଆପଡା ଉପ- ନିର୍ବାଚନର ସଫଳ ପରିଚାଳନା ପାଇଁ ଜିଲ୍ଲାପାଳ ଏବଂ ତାଙ୍କ ସହକର୍ମୀଙ୍କ ପ୍ରତି ମୁଖ୍ୟ ନିର୍ବାଚନ ଅଧିକାରୀ କୃତଜ୍ଞତା ଜ୍ଞାପନ କରି ଏହାକୁ ରେକର୍ଡରେ ଲିପିବଦ୍ଧ କରିଛନ୍ତି ।

ବିଶ୍ୱ ଏଡ଼ସ ଦିବସ ଓ ବାର୍ଷିକ ଉତ୍ସବ ପାଳିତ

ଚିଲିକା/ବାଣପୁର, ୦୧/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ପିଏମଶ୍ରୀ ପଂଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲାଟଟୀ ଠାରେ ବିଶ୍ୱ ଏଡ଼ସ ଦିବସ ଓ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଚିଲିକା ବ୍ଲକ୍ ବିଆରସିସି ନୀଳାଦ୍ରି ଭୂଷଣ ଦାଶ, ସମ୍ମାନିତ ଅତିଥି ଭାବେ ପଂଚସଖା ଶିକ୍ଷାସେତୁ ସଭାପତି ଦେବରାଜ ବିଶ୍ୱାଳ ଓ ଅନ୍ୟତମ ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଭୀମସେନ ସମନ୍ତସିଂହାର ଯୋଗ ଦେଇ ଥିବା ବେଳେ ସଭାପତି ଭାବରେ

ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର ସଭାରେ ପୌରୋହିତ୍ୟ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିଥିଲା ବେଳେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଏବଂ କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଚେତାବନୀ ସାହିତ୍ୟ ସଂସଦର ୩୭ ତମ ପୁଷପୁନି ଭେଟଘାଟ



କଳାହାଣ୍ଡି, ୦୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ଥିବା ସାହିତ୍ୟ ଚେତାବନୀ ସଂସଦର ୩୭ ତମ ପୁଷପୁନି ଭେଟଘାଟ ଭେଟଘାଟ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରର ମୁକ୍ତମଂଚରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ମନୁଷ୍ୟର ଚିନ୍ତା ଚେତନାକୁ ପରିଶୁଦ୍ଧ କରିବା ସହିତ ତାର ଚିନ୍ତାଧାରା ସମାଜରେ ସଂସ୍କାର ଆଣି ଥାଏ ବୋଲି ଉପସ୍ଥିତ ଅତିଥି ମାନେ ମତ ପୋଷଣ କରିଥିଲେ । ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ସଂସଦର ସଭାପତି ଯାଜ୍ଞସେନୀ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେସିଙ୍ଗା ନଗର ପାଳ ନୃପରାଜ୍ ଯାଦବ ଯୋଗଦେଇ ଥିବା ବେଳେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ଡ଼. ଭଗବାନ ଜୟସିଂହ, ବରେଣ୍ୟ ଅତିଥି ଭାବରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଉପସ୍ଥିତ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇ ଥଲେ କଟକର ଡ଼.ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗ ଦେଇ ଥିଲେ । ପରେ ଦିନ ୧୧ ଟା ସମୟରେ ସାରା ରାଜ୍ୟରୁ ଆସିଥିବା କବି ଓ ସାହିତ୍ୟିକ ମାନଙ୍କ ଦ୍ୱାରା ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ଥିଲା । ପରେ ସେହିପରି ଉଦଯାପନୀ ଅଧିବେଶନରେ ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା ଏଥିରେ ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପାଇଥିଲେ ପୁରୀ ର ଡ଼. ଭଗବାନ ଜୟସିଂହ, ସେହିପରି କଥା ସାହିତ୍ୟ, ପ୍ରବନ୍ଧ ସାହିତ୍ୟ ଓ କାବ୍ୟ କବିତା ପାଇଁ ଚେତାବନୀ ପ୍ରଜ୍ଞା ସମ୍ମାନ ପାଇଲେ ଭୁବନେଶ୍ୱର ର ଲକ୍ଷ୍ମୀ ଚାନ୍ଦ, ପୁରୀ ର ଡ଼. ଚିତରଞ୍ଜନ ମିଶ୍ର ଓ ସୁବର୍ଣ୍ଣପୁର ର କେଦାର ମିଶ୍ର, କବି ଜ୍ୟୋତି ମିଶ୍ର ଯୁବ ପ୍ରତିଭା ସମ୍ମାନ ପାଇଲେ ସୁନ୍ଦରଗଡ ଜିଲ୍ଲାର ଡ.ମମତା ପ୍ରିୟଦର୍ଶିନୀ ସାହୁ, ଚେତାବନୀ ଶିକ୍ଷା ସମ୍ମାନ ପାଇଲେ କଳାହାଣ୍ଡି ଜିଲ୍ଲାର ଇ. ଅଜୟ କୁମାର ପଣ୍ଡା, କବି ପାର୍ଥ ବିଶି କିଶୋର ସାହିତ୍ୟ ସମ୍ମାନ ପାଇଲେ ବାଲେଶ୍ୱର ଜିଲ୍ଲାର ସୁରଞ୍ଜନ ସାହୁ, କବି ଲକ୍ଷ୍ମୀକାନ୍ତ ସାହା ସ୍ମୃତି ସମ୍ମାନ ପାଇଲେ ଭବାନୀପାଟଣାର ଐଶ୍ୱର୍ଯ୍ୟା ପ୍ରଧାନ, ଚେତାବନୀ ସେବା ସମ୍ମାନ ପାଇଲେ କେସିଙ୍ଗା ଅଂଚଳର ବିଶିଷ୍ଟ ବୈଦ୍ୟ ସଦାନନ୍ଦ ପଟେଲ, ସେହିପରି ଚେତାବନୀ ସୁହୃଦ ସମ୍ମାନ ପାଇଲେ କେସିଙ୍ଗାର ବିପିନ ବିହାରୀ ବିଶି । ଉଦଯାପନୀ ସନ୍ଧ୍ୟାରେ ଚେତାବନୀ ସାହିତ୍ୟ ସଂସଦର କେନ୍ଦ୍ରୀୟ ସଭାପତି ଡ.ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱରର ପ୍ରସିଦ୍ଧ କଥା ଶିଳ୍ପୀ ଓ ଶିଶୁ ସାହିତ୍ୟିକ ଦାଶ ବେନହୁର ଉପସ୍ଥିତ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଡ଼. ଭଗବାନ ଜୟସିଂହ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନଗରପାଳ ଡାକ୍ତର ହେମ ସାଗର ସାହା, ସ୍ୱତନ୍ତ୍ର ଅତିଥି ଭାବରେ କେସିଙ୍ଗା ର ବିଶିଷ୍ଟ କଥାଶିଳ୍ପୀ ଯାଜ୍ଞସେନୀ ସାହା ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସଂପାଦକୀୟ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମଂଚ ପରିଚାଳନା କରିଥିଲେ ଜ୍ଞାନେନ୍ଦ୍ର ଭୋଇ, ତପନ କୁମାର ଦାସ ଓ ଡ଼. ଗୀତାଶ୍ରୀ ପ୍ରିୟମ୍ବଦା, ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଂଯୁକ୍ତା ପାଢ଼ୀ, ଯାଜ୍ଞବେନ୍ଦ୍ର ସାହା ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିବା ବେଳେ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ କେସିଙ୍ଗା ସାହିତ୍ୟ ସଂସଦର ଉପ ସଭାପତି ରମେଶ ଜେନା ।

ଗଣିଆରେ ସାଂସଦ କ୍ରିଡା ମହୋତ୍ସବ ଉଦ୍‌ଘାଟିତ



ଗଣିଆ, ୦୧/୧୨ (ଆ.ପ୍ର) : ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା କ୍ରିଡାକୁ ବିକଶିତ କରିବା ପାଇଁ ସାରା ଭାରତରେ ସାଂସଦ କ୍ରିଡା ମହୋତ୍ସବ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ସାଂସଦ କ୍ରିଡା ମହୋତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଶରତ କୁମାର କର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ନୟାଗଡ ଜିଲ୍ଲା ବିଜେପି ଉପ ସଭାପତି ଚନ୍ଦ୍ର ଶେଖର ଦାଶ, କ୍ରିଡା ସଂଯୋଜକ ଶୁଭ୍ରଜିତ ପଣ୍ଡା, ବିଭୂତି ଭୂଷଣ ପଣ୍ଡା, ସରପଂଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ମଂଚାସୀନ ଥିଲେ । ପାଠପଢ଼ା ସହିତ କ୍ରିଡା ଏବଂ ସଂସ୍କୃତିକୁ ଅଗ୍ରାଧିକାର ଦେବା ପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କ୍ରିଡା ଉତ୍ସବ ୪ ଦିନ ଧରି ଚାଲୁ ରହିବ ବୋଲି ଜଣାପଡିଛି । ପ୍ରୁଟି, ଚେସ୍, ଖୋ ଖୋ, ବ୍ୟାଡମିଂଟନ, ଭଲି, କ୍ରିକେଟ, ଫୁଟବଲ ଏବଂ କବାଡି ପ୍ରତିଯୋଗିତା ଉଭୟ ପୁଅ ଏବଂ ଝିଅଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ୧୬ ବର୍ଷରୁ କମ୍ କନିଷ୍ଠ ବର୍ଗ ଏବଂ ୧୬ ବର୍ଷରୁ ଅଧିକ ବରିଷ୍ଠ ବର୍ଗର ଛାତ୍ର ଛାତ୍ରୀ ମାନେ ସକାଳୁ ନାମ ପଞ୍ଜିକରଣ କରିଥିଲେ । ପ୍ରଥମ ଦିନରେ ପ୍ରୁଟି, ଚେସ୍, ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶତାଧିକ ଛାତ୍ର ଛାତ୍ରୀ ଏହି କ୍ରିଡା ଉତ୍ସବରେ ଯୋଗ ଦେବା ପାଇଁ ନାମ ପଞ୍ଜିକରଣ କରିଥିବା ଜଣାପଡିଛି । ଏହି ଖେଳକୁ କ୍ରିଡା ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ, କୁମୁଦିନୀ ଦେଇ, ଶେଷଦେବ ରାଉତ, ବିନୟ କୁମାର ପରିଡ଼ା ପରିଚାଳନା କରିଥିବା ବେଳେ ଭାଗିରଥି ଗଡ଼ନାୟକ, ଦାଉରିବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ । କ୍ରିଡ଼ା ସଂଯୋଜକ ମଂଚ ପରିଚାଳନା କରିଥିଲେ ।

ଡିସେମ୍ବର ୯ରୁ ବହୁ ପ୍ରତିକ୍ଷିତ ବୁଢ଼ାରଜା କପ କ୍ରିକେଟ

କେସିଙ୍ଗା, ୦୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମଡିଙ୍ଗ କ୍ରିକେଟକ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବୁଢ଼ାରଜା କ୍ରିକେଟ ନକଆଉଟ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୯ ତାରିଖରୁ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି । ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବା ବେଳେ ସମଗ୍ର ଓଡ଼ିଶା ସମେତ ପଡୋଶୀ ଛତିଶଗଡ ରାଜ୍ୟର ରାୟପୁର ଓ ଦୁର୍ଗ ଦଳ ସମେତ ବଛା ବଛା ଆଠଟି ଦଳ ଚଳିତ ବର୍ଷ ପ୍ରତିଯୋଗିତାରେ ନିଜକୁ ସାମିଲ କରିଛନ୍ତି । ଚଳିତ ବର୍ଷ ଚାମ୍ପିଅନ ଦଳକୁ ବଡ଼ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବା ବେଳେ ଉପ ବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ଡିସେମ୍ବର ୯ ତାରିଖରେ ଆରମ୍ଭ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାର ଫାଇନାଲ ଖେଳ ୧୪ ତାରିଖରେ ଖେଳାଯିବ ।

ସାମାଜିକ ସେବା ସଂସ୍ଥା ଏସ୍ ଉଇ କ୍ୟାନ୍ ତରଫରୁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା, ୦୧/୧୨ (ଆ.ପ୍ର) : ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତ ଅର୍ନ୍ତଗତ ଗୋପାଳପୁରସ୍ଥିତ ସାମାଜିକ ସେବା ସଂସ୍ଥା ଏସ୍ ଉଇ କ୍ୟାନ୍ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଥା ଅଛି "ସ୍ୱାସ୍ଥ୍ୟ ହିଁ ସମ୍ପଦ" ଯଦି ଶରୀର ସୁସ୍ଥ ରହେ ତାହା ହେଲେ ମଣିଷ ସବୁକିଛି କରିପାରିବ । ଏହି ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମରେ ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ଞାନରଂଜନ ନାୟକ ଯୋଗଦେଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ଥିବା ପୁରୁଷ ଓ ମହିଳା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ । ୩୦ରୁ ଉର୍ଦ୍ଧ୍ୱ ରୋଗୀ ଏହି ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍ ଉଇ କ୍ୟାନ୍‌ର ସଂଗଠନର ପ୍ରଦିପ୍ତ ନାଥଶର୍ମା, ଅବୁଲ ହାସନ୍, ସୁବାଷ ଚନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ପ୍ରଧାନ, ଜଗବନ୍ଧୁ ଗୋଛାୟତ, ଚିଟିତ୍ରାନନ୍ଦ ବିଶ୍ୱାଳ, ନିତ୍ୟାନନ୍ଦ ରାଉଳ, ପ୍ରଦିପ୍ତ ପାଳ, ଦେବସ୍ମିତା ଦାସ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ୱାସ୍ଥ୍ୟ ପରାମର୍ଶ କାର୍ଯ୍ୟକ୍ରମ ପ୍ରତିମାସରେ ଅନୁଷ୍ଠିତ ହେବ ବୋଲି ସଂପାଦକ ସୂଚନା ଦେଇଥିଲା ବେଳେ ଏସ୍ ଉଇ କ୍ୟାନ୍ ସଂଗଠନର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଂଚଳ ଗରିବ ଶ୍ରେଣୀର ପୁରୁଷ ଓ ମହିଳା ଉପକୃତ ହୋଇପାରିବ ବୋଲି ଆଶାବ୍ୟକ୍ତ କରିବା ସହ କାର୍ଯ୍ୟକ୍ରମ ଭୂୟସୀ ପ୍ରଶଂସା କରିଥିଲେ ।

ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ, ୭୦ ୟୁନିଟ ରକ୍ତ ସଂଗ୍ରହ

ଜି.ଉଦୟଗିରି, ୦୧/୧୨ (ଆ.ପ୍ର) : ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଡିସେମ୍ବର ମାସ ୧ ତାରିଖ ଦିନ ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ନିତ୍ୟ ସୁନ୍ଦର ଦାସ ତଥା ସଂଜୀବନୀ ପାଥଲୋଜି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଟାଉନହଲ ନିକଟରେ ଅନୁଷ୍ଠିତ ହୋଇଯାଇଛି । ବହୁ ସମୟରେ ଚିକିତ୍ସା ସମୟରେ ରୋଗୀକୁ ରକ୍ତ ଆବଶ୍ୟକ ପଡୁଥିବା ବେଳେ ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ରୋଗୀ ମୃତ୍ୟୁ ବରଣ କରୁଥିବା ଶୁଣିବାକୁ ମିଳୁଛି । କିଛି ମିନିଟର ସମୟ ସହ ସ୍ୱଳ୍ପ ପରିମାଣ ରକ୍ତ ଦାନ ଦ୍ୱାରା ଆଉ କାହାର ଜୀବନ ବଂଚିବ ଓ ସେହି ପରିବାରରେ ହସ ଫୁଟାଇବା ସହ ଆପଣଙ୍କ ସ୍ୱଳ୍ପ ରକ୍ତଦାନ ଆଉ କାହା ପାଇଁ ହେବ ଜୀବନ ଦାନ । ଏହି ବାର୍ତ୍ତା ସହ ଧର୍ମପତ୍ନୀ ସବନମ ପ୍ରଧାନ ତଥା ନିଜ ବନ୍ଧୁମାନଙ୍କ ସହଯୋଗରେ ଯୁବ ସ୍ୱେଚ୍ଛାସେବୀ ନିତ୍ୟସୁନ୍ଦର ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବା କହିଛନ୍ତି । ଏହି ରକ୍ତଦାନ ଶିବିରକୁ ଫୁଲବାଣୀ ରକ୍ତ ଭଣ୍ଡାର କାର୍ଯ୍ୟାଳୟ ରୁ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନ ସହ ଏକ ଡାକ୍ତରି ଦଳ ଡଃ ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ ଏଲଟି ଶ୍ରୀକାନ୍ତ ସାହୁ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ, ସଂଯୁକ୍ତା ଓ ଅନ୍ୟମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରରେ ଅଂଚଳର ବହୁ ସଂଖ୍ୟକ ଯୁବକ ଯୁବତୀ,ସ୍ୱେଚ୍ଛାସେବୀ ନିଜର ବହୁମୂଲ୍ୟ ରକ୍ତ ଦାନ କରିଥିଲେ । ଏହି ଶିବିରରେ ସମୁଦାୟ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସମାଜ ରେ ରକ୍ତ ଅଭାବରୁ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ହିତ ପାଇଁ ସଂଜୀବନୀ ପାଥଲୋଜୀ ଓ ଔଷଧ ଦୋକାନ ମାଲିକ ନିତ୍ୟସୁନ୍ଦର ଦାସଙ୍କ ତରଫରୁ ଏହିପରି ରକ୍ତଦାନ ଶିବିର ପ୍ରତି ବର୍ଷ ଆୟୋଜିତ ହେଉଛି । ଆଜି ପର୍ଯ୍ୟନ୍ତ ୧୯ ଥର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ସୂଚନା ମିଳିଛି । ଆଗାମୀ ଦିନ ମାନଙ୍କରେ କ୍ରମାଗତ ଭାବରେ ପ୍ରତିବର୍ଷ ଏହିପରି ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ଶବ ଉଦ୍ଧାର

ପାତ୍ରପୁର,୦୧/୧୨ (ଆ.ପ୍ର) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଅଧୀନସ୍ଥ ପଦାଦିଗି ପଂଚାୟତ ଅନ୍ତର୍ଗତ ନରଣପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ଶବ ଉଦ୍ଧାର କରିଛି ଜରଡା ପୋଲିସ । ମୃତକ ଜଣକ ହେଲେ ନରଣପୁର ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ ପ୍ରଧାନ(୫୦) । ସୂଚନା ଅନୁସାରେ କୁମାରୀ ପ୍ରଧାନ ଗତକାଲି ବିଳମ୍ବିତ ରାତିରେ ନିଜ ଘରେ ଫାଶୀ ଦେଇଥିବା ନେଇ ତାଙ୍କ ସ୍ୱାମୀ କୃଷ୍ଣ ପ୍ରଧାନ ଆଖପାଖ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ । ଏଥି ସହିତ କୁମାରୀଙ୍କ ଭାଇ ଖରିଣିପଡା ଗ୍ରାମର ନିରଞ୍ଜନ ପ୍ରଧାନଙ୍କୁ ମଧ୍ୟ ସୂଚନା ଦେଇଥିଲେ । ଭାଇ ନିରଞ୍ଜନ ତୁରନ୍ତ ଘରକୁ ଆସି ଦେଖିଲା ବେଳକୁ ଭଉଣୀ କୁମାରୀଙ୍କ ଦେହରେ ରକ୍ତସ୍ରାବ ହେଉଥିବା ଦେଖି ତାଙ୍କର ନାନି କୁମାରୀଙ୍କୁ ହତ୍ୟା କରିଥିବା ନେଇ ଜରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଜରଡା ପୋଲିସ ଘଟଣାସ୍ଥଳରେ ପହଂଚି ୪୦୧/୨୫ ଏକ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡିଛି । ଏଥି ସହିତ ଅଭିଯୋଗକୁ ଆଧାରକରି କୁମାରୀ ପ୍ରଧାନଙ୍କ ସ୍ୱାମୀ କୃଷ୍ଣ ପ୍ରଧାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ନେଇ ଜରଡା ଭାରପ୍ରାପ୍ତ ଥାନା ଅଧିକାରୀ ମିନାକ୍ଷୀ ବଳବେହେରା ସୂଚନା ଦେଇଛନ୍ତି ।

ରସୁଲପୁର ବ୍ଲକ ଏବିଇଓ ଶାନ୍ତିଲତା ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର, ୦୧/୧୨ (ଆ.ପ୍ର) : ଧାମନଗର ମାଟିର ଝିଅ ତଥା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଶାନ୍ତିଲତା ରାଉତ ନଭେମ୍ବର ୩୦ରେ ଅବସର ଗ୍ରହଣ କରିଛନ୍ତି । ଉକ୍ତ ଦିନ ରସୁଲପୁର ବିଇଓ ଅଫିସ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଅବଶିଷ୍ଟ ସୁସ୍ଥ ଓ ନିରାମୟ ଜୀବନ କରାଯାଇଥିଲା । ଏହି ଅବସରରେ ଶାନ୍ତିଲତା ରାଉତଙ୍କୁ ତାଙ୍କ ଜନ୍ମ ମାଟି ଧାମନଗର ରେ ପହଂଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସମାଜସେବୀ, ଶିକ୍ଷାବିତ, ଜନସାଧାରଣଙ୍କ ପକ୍ଷରୁ ଏନଏସି ଅଧିକ ବିକ୍ରୁ ପଟ୍ଟନାୟକ ଛକଠାରୁ ଏକ ବିଶାଳ ଆକର୍ଷଣୀୟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷକ ସଂଘ ମହାସଚିବ ଚାରୁଲତା ମହାପାତ୍ର, ହାଇକୋର୍ଟ ଓକିଲ ଦେବାଶିଷ ସାମଲ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ, ମହେଶ୍ୱର ସ୍ୱାଇଁ, ଭାବଗ୍ରାହୀ ଖୁଂଟିଆ, ସନ୍ତୋଷ କୁମାର ଲେଙ୍କା, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମନୋଜ ସିଂ, ସିଆରସିସି ସେକ ମୋଜାଫର ହୋସେନ, ଅଶୋକ ନାୟକ, ପ୍ରଶାନ୍ତ ବେହେରା, ଅଧ୍ୟାପକ ଚିତରଞ୍ଜନ ଦାଶ, ପଦ୍ମନାଭ ତ୍ରିପାଠୀଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି ଅବଶିଷ୍ଟ ଜୀବନ ସୁସ୍ଥ ଓ ନିରାମୟ ହେଉ ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।ଶେଷରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ପୋଡ଼ି ପାଉଁଶ

ବାଲିଗୁଡା, ୦୧/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ୍ ଅର୍ନ୍ତଗତ ଗୁଞ୍ଜିବାଡ଼ି ପଂଚାୟତର ଲକେବାଡ଼ି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ନିଆଁରି ଆଁରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ଜଳିପୋଡ଼ି ପାଉଁଶ ହୋଇ ଯାଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ କିଛି ବୁଲା ବ୍ୟବସାୟୀ କିଛି ଦିନ ହେବ ଲକେବାଡ଼ି ଗ୍ରାମରେ ଏକ ଭଡ଼ା ଘରେ ଶୀତବସ୍ତ୍ର ରଖି ସେଠାରେ ରହି ଆଖପାଖ ଅଂଚଳରେ ଫେରିବାଲା ଭାବେ ବ୍ୟବସାୟ କରୁଥିଲେ । କୌଣସି କାରଣରୁ ଆଜି ସକାଳେ ଘରେ ନିଆଁ ଲାଗି ଯାଇଥିବାରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଖବରପାଇ ଘଟଣା ସ୍ଥଳରେ ରାଇକିଆ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ସେପଟେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଶୀତବସ୍ତ୍ର ଜଳିପୋଡ଼ି ନଷ୍ଟ ହୋଇଥିବା ବେଳେ ଜନ ଜୀବନ ସୁରକ୍ଷିତ ଥିବା ଜଣାପଡ଼ିଛି । ଅନ୍ୟପଟେ ସଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରାଥମିକ ସୂଚନା ମିଳିଛି ।

କୁଡୁତୁଲି ପଂଚାୟତରେ ପୋଡ଼ାଗଲା ୪୭ ଏକର ଗଞ୍ଜେଇ ଗଛ

ବାଲିଗୁଡା, ୦୧/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ପୁଲିସ ଓ ବାଲିଗୁଡା ଅବକାରୀ ବିଭାଗର ମିଳିତ ଚଢ଼ଉ କରି ୪୭ ଏକର ଗଞ୍ଜେଇ ଗଛ କୁ ପୋଡ଼ି ନଷ୍ଟ କରିଛି । ପ୍ରକାଶ ଯେ, କ.ନୂଆଗାଁ ବ୍ଲକ କୁଡୁତୁଲି ପଂଚାୟତ ଡକାର ଗାଁ, ବୁଡ଼ାବାଲି ଜଙ୍ଗଲରେ ବେଆଇନ ଭାବେ ଚାଷ କରାଯାଇଥିବା ୪୭ ଏକର ଜମି ରେ ଗଞ୍ଜେଇ ଚାଷ କରାଯାଇଥିବା ବିଷୟ କୌଣସି ସୂତ୍ରରୁ ଖବର ପାଇ ଅଚାନକ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିଲେ । ଏହି ଗଞ୍ଜେଇ ଗଛ କଟା ଅଭିଯାନରେ କ. ନୂଆଗାଁ ଥାନା ଅଧିକାରୀ ଅଶୋକ କୁମାର ହାଁସଦା, ଏସଆଇ ଅଶୋକ କୁମାର ତ୍ରିପାଠି, ସୁରେନ୍ଦ୍ର ରାଜହଂସ, ଅବକାରୀ ଏସ୍ ଆଇ ସୁମିତ୍ରା ଦଳାଇଙ୍କ ସମେତ ସମସ୍ତ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ ।

ଗଜପତିରେ ଏଡ୍ସରେ ୧୮୪ ଜଣଙ୍କର ମୃତ୍ୟୁ

ପାରଳାଖେମୁଣ୍ଡି, ୦୧/୧୨ (ଆ.ପ୍ର) : ସମଗ୍ର ଦେଶ ଆଜି ବିଶ୍ୱ ଏଡ୍ସ ଦିବସ ପାଳନ କରୁଛି । ଏହାର କାରଣ ଏଡ୍ସ ଭଳି ବିପଦସଂକୁଳ ରୋଗକୁ ଦୂରେଇ ରଖିବା । ତେଣୁ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଏହାର ସଚେତନତା ଜରୁରୀ ଅଟେ । ଗଜପତି ଜିଲ୍ଲା ସଂକ୍ରାନ୍ତରେ ଗତ ୨୦ ବର୍ଷରେ ୧୮୪ ଜଣ ବ୍ୟକ୍ତିଙ୍କର ପ୍ରାଣହାନୀ ଘଟିଛି । ଜିଲ୍ଲାରେ ୧୯ ଲକ୍ଷ ୮ହଜାର ୬୯୧ ଜଣ ବ୍ୟକ୍ତିଙ୍କୁ ପରୀକ୍ଷା କରାଯାଇଥିଲା । ଏଥିରେ ୧୧୦୫ ଜଣ ପଜିଟିଭରେ ଆକ୍ରାନ୍ତ ହୋଇଛନ୍ତି । ସେଥିମଧ୍ୟରୁ ୬୮୨ ଜଣ ପୁରୁଷ, ୪୧୯ ଜଣ ମହିଳା ଏବଂ ୪ ଜଣ ତୃତୀୟ ଲିଂଗ ଅଛନ୍ତି । ସବୁଠାରୁ ବେଶୀ ଗୋଷାଣି ବ୍ଲକରେ ୪୯୮ ଥିବାବେଳେ, କାଶୀନଗର ବ୍ଲକରେ ୨୯୩, ଗୁମ୍ମା ବ୍ଲକରେ ୯୩,ରାୟଗଡ ବ୍ଲକରେ ୪୬, ଆର. ଉଦୟଗିରି ବ୍ଲକରେ ୨୯, ମୋହନା ବ୍ଲକରେ ୧୯ ଏବଂ ନୂଆଗଡ଼ ବ୍ଲକରେ ୧୫ ଜଣ ଆକ୍ରାନ୍ତ ହୋଇଛନ୍ତି । ବିଶେଷ କରି ଅନ୍ୟ ରାଜ୍ୟ ଯଥା:-ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ ଓ କେରଳ ଯାଇ ଅସାବଧାନତା ବଶତଃ ସଂକ୍ରମିତ ହୋଇଥାନ୍ତି । ଏହି ବର୍ଷ ୨୪ ଜଣଙ୍କର ଏଚଆଇଭି ପଜିଟିଭ ଚିହ୍ନଟ କରାଯାଇଛି, ଏହି ସୂଚନା ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡ. ମହମ୍ମଦ ମୁବାରକ ଅଲ୍ଲୀ ସୂଚନା ଦେଇଛନ୍ତି ।

ସାଂସଦ ଖେଳ ମହୋତ୍ସବ ଗାନ୍ଧୀ ମଇଦାନ ଠାରେ ଆରମ୍ଭ



ଦଶପଲ୍ଲା, ୦୧/୧୨ (ଆ.ପ୍ର) : ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇଣ୍ଡୋର ମଇଦାନରେ ସାଂସଦ ଖେଳ ମହୋତ୍ସବ ଉତ୍ସାହପୂର୍ଣ୍ଣ ଭାବେ ନଭେମ୍ବର ୨୮ତାରିଖ ଦିନ ଆରମ୍ଭ ହୋଇଥିଲା । ଏଠାରେ ବ୍ୟାଡମିଂଟନ ଓ ଚେସ ଖେଳ ହୋଇଥିଲା । ଆଜି ଗାନ୍ଧୀ ମଇଦାନ ଠାରେ ଅନ୍ୟ ଖେଳ ପ୍ରତିଯୋଗିତାର ଉଦଘାଟନ ହୋଇଥିଲା । ଏହି ଉଦଘାଟନୀ ଖେଳରେ ସାଂସଦଙ୍କ ଏନ ଏ ସି ପ୍ରତିନିଧି ଅଞ୍ଜନ ଦାସ ଏବଂ ବ୍ଲକ ପ୍ରତିନିଧି କିଶୋର ଦଳବେହେରା ଉପସ୍ଥିତ ଥିବାବେଳେ ସୌମ୍ୟ ରଞ୍ଜନ ରଥ ଖେଳକୁ ପରିଚାଳନା କରୁଥିଲେ । ଏହି ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇ ୪ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆଲୋଚନା ହୋଇଥିଲା । ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, କବାଡ଼ି, ଖୋଖୋ ଚେସ, ବ୍ୟାଡମିଂଟନ, ଓ ଦୌଡ଼ ଆଦି ୮ଗୋଟି କ୍ରୀଡ଼ା ଉଭୟ ବାଳକ ଓ ବାଳିକାଙ୍କୁ ନେଇ ଆରମ୍ଭ ହୋଇଥିଲା । ଏହି ଖେଳ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ଉନ୍ନତ କରିବା ସହିତ ପ୍ରତିଭା ଉଭାସନର ଲକ୍ଷ୍ୟ ରଖାଯାଇଛି ।

ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଡିସେମ୍ବର ୧୪ ତାରିଖ ପାଳନ କରାଯିବ

ଯାଜପୁର, ୦୧/୧୨ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରେସ କ୍ଲବର ପକ୍ଷରୁ ଡିସେମ୍ବର ୧୪ ତାରିଖ ରବିବାର ଦିନ ମହାସମାରୋହରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସଭାପତି ଶ୍ରୀଯୁକ୍ତ ଅଜୟ କୁମାର ରାଉଳ କହିଛନ୍ତି । ଅଧିବେଶନ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ହେବାକୁ ସ୍ଥିର ହୋଇଛି । ମୁଖ୍ୟ ଅତିଥି ଭାବେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରିତ କରାଯାଇଛି । ଯାଜପୁର ଜିଲ୍ଲାର ସମସ୍ତ ବିଧାୟକ ଓ ବିଧାୟିକା, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ଅଧିବେଶନ ଆରମ୍ଭ କରିବେ ବୋଲି ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି ।

ନାଉଗାଁରେ ରାମକୃଷ୍ଣ ମିସନର ଶୀତକାଳୀନ କମ୍ବଳ ବିତରଣ

ଜଗତସିଂହପୁର, ୦୧/୧୨ (ଆ.ପ୍ର) : ରାମକୃଷ୍ଣ ମିସନ ଭୁବନେଶ୍ୱର ଆନୁକୂଲ୍ୟରେ ଅସହାୟ ଓ ଦାରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ପାଇଁ ନାଉଗାଁ ବ୍ଲକ ସ୍ଥିତ ନାଉଗାଁ ପଂଚାୟତର କାନୁନଗୋସାହି ଗ୍ରାମରେ ଶୀତକାଳୀନ କମ୍ବଳ ବିତରଣ କରାଯାଇଛି । ରାମକୃଷ୍ଣ ମିସନ ରିଲିଫ୍ ବିଭାଗର ମୁଖ୍ୟ ସ୍ୱାମୀ ଅଦ୍ୱୈତ୍ୟାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଅଧ୍ୟାତ୍ମିକ ମାର୍ଗରେ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ସ୍ୱାମୀଜୀ ମତବ୍ୟକ୍ତ କରିଥିଲେ । ଆୟୋଜିତ କମ୍ବଳ ବଂଟନ କାର୍ଯ୍ୟକ୍ରମକୁ ମିସନର ମାଧବାନନ୍ଦ ନାଥଶର୍ମା, ଶାରଦା ମହାନ୍ତି, ଶିକ୍ଷକ ହିମାଂଶୁ କୁମାର ମହାନ୍ତି, ସାମ୍ବାଦିକ ମନୋଜ କୁମାର ନାୟକ, ଅଶିଷ କୁମାର ବିଶ୍ୱାଳ, ଦୀପକ ଦାସ, ଲୀପା ଦାସ, ଓମପ୍ରକାଶ ବିଶ୍ୱାଳ, ବିନୋଦ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସାମ୍ବାଦିକ ମନୋଜ କୁମାର ନାୟକ ମିସନ ସମେତ ଉପସ୍ଥିତ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ ।

କଳିଙ୍ଗ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳନ

ଜି.ଉଦୟଗିରି,୦୧/୧୨ (ଆ.ପ୍ର) : କଳିଙ୍ଗ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ବିଶ୍ୱ ଏଡସ୍ ଦିବସ ଭାରପ୍ରାପ୍ତ ଅଧକ୍ଷା ସୁପ୍ରିୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବବ୍ରତ ବାରିକ ଯୋଗଦେଇ ଏଡସର କାରଣ, ନିରାକରଣ ଏବଂ ଏହାର ଭୟାବହତା ସଂପର୍କରେ ଆଲୋଚନା କରିଥିବା ବେଳେ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ ଯୁବ ସଂପ୍ରଦାୟ ସଚେତନ ହେଲେ ଏହାର ମୂଳପୋଛ ହୋଇପାରିବ ବୋଲି ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ । ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଡସର କାରଣ ଓ ନିରାକରଣ ବିଷୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ୍ କୁମାର ମୁଠାମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

ନବରଙ୍ଗପୁର ଠାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୦୧/୧୨ (ଆ.ପ୍ର) : ଆଜି ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଖ୍ୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ଖଣ୍ଡିୟ ବନ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କରି କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ପିକିତ ଥିଲା । ୦୫ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ – ୨୦୨୫ ଅବସରରେ ସଚେତନତା ସଭା

ଭବାନୀପାଟଣା, ୦୧/୧୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ସ୍ଥାନୀୟ ଟାଉନ ହଲ ଭବାନୀପାଟଣା ଠାରେ ପାଳିତ ହୋଇଯାଇଛି । ଓଏସ୍‌ଏସିଏସ୍ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ବେଦାନ୍ତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଟାଉନ ହଲ ଭବାନୀପାଟଣା ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ପରେ ଟାଉନହଲ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଡଃ. ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ ଜର୍ସିଁ, ବେଦାନ୍ତ ପ୍ରକଳ୍ପର ମୁଖ୍ୟ ପ୍ରତିକ କୁମାର, ବେଦାନ୍ତର ସୁରକ୍ଷା ଓ ପ୍ରଶାସନ ମୁଖ୍ୟ ଦେବାଶିଷ ଦତ, ବେଦାନ୍ତର ଅଧିକାରୀ ଦିଲୀପ ପ୍ରଜାପତି, ଡିପିଏମ୍ (ଏନ୍‌ଏଚଏମ୍) ଦିଲୀପ ଦୁବେ, ଡିପିଏଚସିଓ ଧର୍ମେନ୍ଦ୍ର ତାଣ୍ଡି ପ୍ରମୁଖ ଯୋଗଦେଇ ବିଶ୍ୱ ଇଓଇଝ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଡସ୍ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପଣ୍ଡା, ମୁଖ୍ୟ ବକ୍ତା ଡଃ. ଶତପଥି ପ୍ରାଞ୍ଜଳ ଭାବରେ ଅବଗତ କରାଇଥିଲେ । ବେଶେଷକରି ଛାତ୍ରଛାତ୍ରୀ, ଯୁବପିଢି ଇଓଇଝ ସମ୍ପର୍କରେ ଅଧିକ ସଚେତନ ହୋଇ ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖିବା ସହିତ ଇଓଇଝ ମୁକ୍ତ ସମାଜ ଗଠନ ଦିଗରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ୩୦.୧୧.୨୦୨୫ ସୁଦ୍ଧା ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ୧,୪୫୪ ଜଣ ଏଚଆଇଭି ସଂକ୍ରମିତ ବ୍ୟକ୍ତି ରହିଛନ୍ତି, ସେଥି ମଧ୍ୟରୁ ଭବାନୀପାଟଣା ବ୍ଲକରେ ସର୍ବାଧିକ ୩୩୯ ଜଣ ରହିଛନ୍ତି । ଏହି ଅବସରରେ ଇଓଇଝ ସଚେତନତା ସମ୍ବନ୍ଧୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା । ଏଥିରେ ଏଏନ୍‌ଏମ୍ କଲେଜ, ଅନ୍ୟାନ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଇସିଟିସିର ପରାମର୍ଶ ଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲା ବେଳେ ଡିଆଇଏସ ସୁରେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଶେଷରେ ମାନସ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଆରମ୍ଭ
SEITHO ARAMBHA

ବେଆଇନ ବାଲି ଖାଦାନ ଚଢ଼ାଉ ବେଳେ ଖଣି ଅଧିକାରୀ ଅଟକ

ଭୋଗରାଇ, ୦୧/୧୨ (ଆ.ପ୍ର) : ଜୁନିୟର ଖଣି ଅଧିକାରୀଙ୍କ ବାଲି ମାଫିଆଙ୍କ ଉପରେ ବଡ଼ ଧରଣର ଛାଟ । ଭୋଗରାଇ ଆଗୁହା ବୃତି, ବହମୁଣ୍ଡା ନିକଟରେ ବେଆଇନ୍ ଭାବରେ ଡ଼ଙ୍ଗା ସାହାଯ୍ୟରେ ବାଲି ଉତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦିକୁ ଫିଙ୍ଗି ଦେଲେ ଖଣି ଅଧିକାରୀ । ସୁଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ଆସୁଥିଲେ । ଖବର ପାଇ ଜୁନିୟର ଖଣି ଅଧିକାରୀ ତାପସ କୁମାର ବେହେରା ସୋମବାର ସେଠାରେ ପହଂଚି ଗଚ୍ଛିତ ଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ । ଜୁନିୟର ଖଣି ଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ବାଲି ମାଫିଆଙ୍କ ଛନକା ପଶିଥିଲା । ଖରାଦିପିପଳ ସରପଂଚଙ୍କ ସ୍ୱାମୀ ଗ୍ରାମବାସୀଙ୍କ ସହାୟତାରେ ଖଣି ଅଧିକାରୀ ଓ ଏନ୍ଫୋର୍ସମେଂଟ ଟିମକୁ ଦୀର୍ଘ ସମୟଧରି ଅଟକ ରଖିଥିଲେ । ଅଭିଯୋଗ ଭିତି ହୀନ କହିଲେ ଖରଦୀପିପଳ ସରପଂଚଙ୍କ ସ୍ୱାମୀ ହେମନ୍ତ ବେହେରା, ଦୀର୍ଘ ଦୁଇ ଘଂଟା ଖଣି ଅଧିକାରୀଙ୍କୁ ଅଟକ ପରେ କମାର୍ଦ୍ଦା ପୋଲିସ ଉଦ୍ଧାର କରିଛି । ଖବର ଲେଖା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନଥିବା ଖବର ମିଳିଛି ।

ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଭୋଗରାଇ, ୦୧/୧୨ (ଆ.ପ୍ର) : ଭୋଗରାଇ ବ୍ଲକ କୁସୁମଗଡି ପଂଚାୟତ ବାଇଁଶିଖଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ସ୍ତ୍ରୀ କାଂଚନ ବେହେରା (୨୮) ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ଘଟଣାରୁ ପ୍ରକାଶ, ଲକ୍ଷ୍ମୀଧର ବାହାର ରାଜ୍ୟରେ ରହି ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । କାଂଚନ ଏକା ଘରେ ୨ଟି ଛୋଟ ଛୋଟ ପିଲାଙ୍କୁ ନେଇ ରହୁଥିଲେ । ସୋମବାର ସକାଳେ ପଡ଼ୋଶୀ ତାଙ୍କ ଘରକୁ ଯାଇ କାଂଚନଙ୍କୁ ଡାକିଥିଲେ । ମାତ୍ର ସେ ନ ଶୁଣିବାରୁ ସେମାନେ ଝରକା ଦେଇ ଦେଖିବାକୁ ପାଇଲେ କାଂଚନ ଫେନରେ ଲୁଗା ଲଗାଇ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଭୋଗରାଇ ଥାନାକୁ ଖବର ଦେଇଥିଲେ । ଖବର ପାଇ ଭୋଗରାଇ ପୁଲିସ ପହଂଚି ଶବକୁ ଜବତ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛନ୍ତି । ଏନେଇ ଭୋଗରାଇ ଥାନାରେ ୩୩୮ ୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି ।

ସିଦ୍ଧବାରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ପାଳିତ

ଜଗତସିଂହପୁର, ୦୧/୧୨ (ଆ.ପ୍ର) : ସ୍ଥାନୀୟ ପୁନଙ୍ଗ ସ୍ଥିତ ସିଦ୍ଧ ବାରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ଅଧ୍ୟକ୍ଷା କ୍ରିଷ୍ଣା ମଞ୍ଜରୀ ଦେଇ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଇସ୍କନର ସଦ୍ଗୁ ଶ୍ରୀପାଦ ବ୍ରଜନାଥ ଦାସ ଦୈନନ୍ଦିନ ଜୀବନରେ ଭଗବତ ଗୀତାର ଜ୍ଞାନ କିପରି ପ୍ରୟୋଗ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ସଂସ୍କୃତ ପ୍ରାନ୍ତୀୟ କର୍ମକର୍ତା ତଥା ପ୍ରବଚକ ଗଟେଶ୍ୱର ମିଶ୍ର ଯୋଗଦାନ କରି ଗୀତା ଜ୍ଞାନ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ । ଇଂରାଜୀ ଅଧ୍ୟାପକ ଦେବଦତ ବେହେରା ପିଲାମାନଙ୍କୁ ଦୈନନ୍ଦିନ ଗୀତା ପାଠର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଭିକାରୀ ଚରଣ ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟାପିକା ଲୟନ୍ଦିକା ମହାନ୍ତି, ଯାଜ୍ଞସେନୀ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ କ୍ଷ ଏଥିସହିତ ପୂର୍ବରୁ କରାଯାଇଥିବା ଗୀତା ଆବୃତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରଥମ ଶ୍ରେୟା ବିଶ୍ୱାଳ, ଦ୍ୱିତୀୟ ଚନ୍ଦନ ଦାସ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦେବାଂଶୀ ଜେନାଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିରେ କଲେଜର ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଅମୀୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଣ୍ଡପଡ଼ାରେ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ନେଇ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୦୧/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭାକୁ ଜନମାନସରେ ଉଜ୍ଜୀବିତ କରି ରଖିବାର ମହତ ଲକ୍ଷ୍ୟ ନେଇ ଆସନ୍ତା ଜାନୁଆରୀ ମାସର ୨ୟ ସପ୍ତାହରେ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଖଣ୍ଡପଡ଼ା ଠାରେ ଅନୁଷ୍ଠିତ ହେବ । ଏ ନେଇ ରବିବାର ଖଣ୍ଡପଡ଼ା ସହରର ଆରାଧ୍ୟା ମା' ଉମାଦେବୀଙ୍କ ପୀଠ ପରିସରରେ ଯୁବ ସଂଗଠକ ତଥା ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଖଣ୍ଡପଡ଼ା ବ୍ଲକ ଅଧିନ ବିଭିନ୍ନ ପଂଚାୟତରୁ ଜନ ପ୍ରତିନିଧିଙ୍କ ସମେତ ଖଣ୍ଡପଡ଼ା ସହରାଂଚଳରୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ । ସାମନ୍ତ ମହୋତ୍ସବ କମିଟିର ସଭାପତି ଭାବେ ଆଇନଜୀବି ସଂଗ୍ରାମ କେଶରୀ ମିଶ୍ର, ଉପ ସଭାପତି ଭାବେ ବରିଷ୍ଠ ଆଇନଜୀବି ଗିରିଜା ପ୍ରସାଦ ମିଶ୍ର ଓ ସମାଜସେବୀ ବିଜୟ କୁମାର ମିଶ୍ର, ସଂପାଦକ ଭାବେ ନାରାୟଣ ଆଚାର୍ଯ୍ୟ ଓ ଚିତରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଭାବେ କାଶୀନାଥ ଦାସ, ସମରେନ୍ଦ୍ର ମହାନ୍ତିଙ୍କୁ ଚୟନ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି । ପ୍ରସ୍ତୁତି ବୈଠକରେ ଖଣ୍ଡପଡ଼ା ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ, କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଖଣ୍ଡପଡ଼ା ବ୍ଲକ ସାସଂଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବରିଆର ସିଂ, ଆଇନଜୀବି ବିକ୍ରମ କେଶରୀ ଦେଓ, ଯୁବ ସଂଗଠକ ବୁଲୁ ଦାସ, ମନୋରଞ୍ଜନ ବେହେରା, ଗୋପାଳ ଚନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ପାଣି, ବିକ୍ରମ ପ୍ରଧାନଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ କାଉନସିଲର ମାନେ ଉପସ୍ଥିତଥିଲେ । ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଯାଉଥିବା ମହୋତ୍ସବର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

ବନ୍ଦ ପଡ଼ିଥିବା ଲିବ୍ରା କାର୍ପେଟ କାରଖାନା ଗେଟ ସମ୍ମୁଖରେ ଗଣଧାରଣା

ଟାଙ୍ଗୀ ଚୌଦ୍ୱାର, ୦୧/୧୨ (ଆ.ପ୍ର) : ଦୀର୍ଘ ବର୍ଷ ଧରି ବନ୍ଦ ହୋଇପଡିଥିବା ଚୌଦ୍ୱାରସ୍ଥିତ ଲିବ୍ରା କାର୍ପେଟ କମ୍ପାନୀ ଗେଟ ସମ୍ମୁଖରେ ଶ୍ରମିକ ମାନଙ୍କର ଆରମ୍ଭ ହୋଇଛି ଗଣଧାରଣା, ଧାରଣାରତ ଶ୍ରମିକ ମାନଙ୍କ ପକ୍ଷରୁ ଅଭିଯୋଗ, ୨୦୧୫ମସିହା ମେ ପହିଲା ଠାରୁ କମ୍ପାନୀ କର୍ତୃପକ୍ଷ ବେଆଇନୀ ଭାବେ କମ୍ପାନୀକୁ ବନ୍ଦ କରିଦେଲେ । ସେବେଠାରୁ ଆଜିପର୍ଯ୍ୟନ୍ତ ଶ୍ରମିକ ମାନେ ବହୁ ଅସୁବିଧା, ହଇରାଣ ହୋଇ ଜୀବନ କାଳାତିପାତ କରୁଥିବା ବେଳେ ଅଚାନକ ନଭେମ୍ବର ୨୫ତାରିଖ ଦିନ କମ୍ପାନୀ କର୍ତୃପକ୍ଷ ଅତି ଚତୁରତାର ସହ ସିକ୍ୟୁରିଟିଙ୍କ ସହାୟତାରେ ମେସିନ ନେଇଯିବାକୁ ବସିଥିବା ବେଳେ ତୁରନ୍ତ ଶ୍ରମିକ ମାନେ ଏକଜୁଟ ହୋଇ ଏହାକୁ ଘୋର ବିରୋଧ କରିବାରୁ ମେସିନ ସ୍ଥାନାନ୍ତର ହୋଇପାରିନଥିଲା । ଏହି ପ୍ରସଙ୍ଗକୁ ନେଇ ଶ୍ରମିକ ମାନଙ୍କ ପକ୍ଷରୁ କମ୍ପାନୀ ଗେଟ ସମ୍ମୁଖରେ ଗଣଧାରଣା ଦିଆଯାଇଥିବା ବେଳେ ଶ୍ରମିକ ମାନଙ୍କପ୍ରମୁଖ ଦାବି ସମସ୍ତ ଶ୍ରମିକ ମାନଙ୍କୁ ପ୍ରାପ୍ୟ ପ୍ରଦାନ, କମ୍ପାନୀ ପୁନଃଗଠନ, ନକରିବା ପର୍ଯ୍ୟନ୍ତ ଏ ଧାରଣା ଚାଲୁରହିବ । ଏହି ଧାରଣାରତ ଶ୍ରମିକମାନଙ୍କର ଶ୍ରମିକ ସଭାପତି ତ୍ରିଲୋଚନ ବରେଇଙ୍କ ଦୁଇ ଦିନ ତଳେ ମୃତ୍ୟୁ ଘଟିଥିବା ବେଳେ ଶ୍ରମିକ ମାନଙ୍କ ମଧ୍ୟରେ ଏକ ଦୁଃଖର ଛାୟା ଖେଳିଯାଇଛି ।

ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୦୧/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୬୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୧୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ ଟି, ଭତା ପାଇବା ପାଇଁ ୨ ଟି, ପୋଲିସ୍ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୭ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବସ୍ତୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ ।

ଜି.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ପାଇଁ ଦାବୀ

ଜି.ଉଦୟଗିରି, ୦୧/୧୨ (ଆ.ପ୍ର) : ଜି.ଉଦୟଗିରି ଠାରେ ସରକାରୀ ସ୍ତରରେ ଚଳିତ ବର୍ଷ ଶୀତ ମହୋତ୍ସବ ଆୟୋଜନ କରିବା ପାଇଁ ଅଂଚଳବାସୀଙ୍କ ତରଫରୁ ସ୍ଥାନୀୟ ବଣିକ ସଂଘ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କିଛି ବର୍ଷ ହେଲା ସରକାରୀ ସୂଚନା ଅନୁଯାୟୀ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଠାରୁ ମଧ୍ୟ କମ୍ ତାପମାତ୍ରା ରହୁଥିବା ବେଳେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ଅତ୍ୟଧିକ ଶୀତ ପ୍ରବଣ ସହର ଭାବେ କନ୍ଧମାଳ ଜିଲ୍ଲାର ଦାର୍ଜିଲିଂ କୁହାଯାଉଥିବା ଜି.ଉଦୟଗିରି ସହର ପରିଚିତ ହୋଇପାରିଛି । କିନ୍ତୁ ସରକାରୀସ୍ତରରେ ଏଠାରେ ପର୍ଯ୍ୟଟନ ସ୍ଥାନରର ବିକାଶ କିମ୍ବା ଶୀତ ମହୋତ୍ସବ ଆୟୋଜନ ଭଳି କୌଣସି ପଦକ୍ଷେପ ନିଆଯାଇନାହିଁ ଯାହାକୁ ନେଇ ଜି.ଉଦୟଗିରି ପ୍ରତି ପ୍ରଶାସନର ବୈମାତୃକ ମନୋଭାବ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଜି.ଉଦୟଗିରି ତଥା ଆଖପାଖ ଅଂଚଳରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ହୋଇପାରୁନାହିଁ ଯେତେବେଳେ କି ଶୀତର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜି.ଉଦୟଗିରି ରେ ଦେଖିବାକୁ ମିଳୁଛି । ସ୍ଥାନୀୟ ଅଂଚଳବାସୀଙ୍କ ତରଫରୁ ଅଂଚଳରେ ଥିବା ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ ନିମନ୍ତେ ପକ୍କା ସଡ଼କ ନିର୍ମାଣ ସହ ପର୍ଯ୍ୟଟନ ସ୍ଥଳୀର ବିକାଶ ଏବଂ ଇକୋ କଟେଜ ନିର୍ମାଣ ପାଇଁ ଦାବୀ କରାଯାଇଛି । ଉକ୍ତ ସ୍ଥାନକୁ ବହୁ ମନ୍ତ୍ରୀ ଯନ୍ତ୍ରୀ ଉଚ୍ଚ ପଦସ୍ଥ ଅଧିକାରୀ ଆସି ଦେଖିଛନ୍ତି କିନ୍ତୁ କୌଣସି ସୁଫଳ ମିଳିନାହିଁ । ଏପରିକି କଳିଙ୍ଗା ଠାରେ ପ୍ରସ୍ତାବିତ ଇକୋ କଟେଜ ନିର୍ମାଣ ପାଇଁ ହୋଇଥିବା ଯୋଜନାର ସରକାରୀ ଆଦେଶ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ । କଳିଙ୍ଗା ବଟାନିକାଲ ଗାର୍ଡେନ, ମୁକୁଳିଙ୍ଗିଆ ହିଲ୍ ଟପ, ସିର୍କି ଇକୋ ପାର୍କ, ରାଜା ଗାଡ଼ା, କଳିନାମୁ ଜଳାଶୟ ଭଳି ବହୁ ସଂଖ୍ୟକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର ସହ ବିକାଶ କରିବା ପାଇଁ ସରକାରୀସ୍ତରରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ଏନେଇ ସ୍ଥାନୀୟ ବଣିକ ସଂଘ ସଭାଗୃହରେ ସମାଜସେବୀ ଜିଆଉଦ୍ଦିନ ଅହମଦଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ସରକାରଙ୍କ ନିକଟରେ ଜି.ଉଦୟଗିରି ଠାରେ ଶୀତ ମହୋତ୍ସବର ଆୟୋଜନ କରିବା ପାଇଁ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ଅଂଚଳର ବହୁ ଜନପ୍ରତିନିଧି, ସମାଜ ସେବୀ, ସାମ୍ବାଦିକ, ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୦୧/୧୨ (ଆ.ପ୍ର) : ସଦ୍ଭାବନା ସଭାଗୃହ ଠାରେ ସୋମବାର ଦିନ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୧୨୧ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୧୦୧ ଗୋଟି ବ୍ୟକ୍ତିଗତ, ୧୩ ଗୋଟି ଗ୍ରାମ ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ୭ ଟି ଅଭିଯୋଗ ରହିଥିଲା । ତତକ୍ଷଣାତ ୧୭ ଗୋଟିର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମଓ, ଡେପୁଟି କଲେକ୍ଟର ଅନୁଭବ ରନ୍ତାୟତ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଂଚାନନ ପରିଡା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ମୋହନାରେ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ତାଲା

ପାରଳାଖେମୁଣ୍ଡି, ୦୧/୧୨ (ଆ.ପ୍ର) : ଗଜପତି ଜିଲ୍ଲା ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ କାର୍ଯ୍ୟାଳୟ ୫ ବର୍ଷ ହେଲା ନିର୍ମିତ ହୋଇଛି । ବର୍ତମାନ ସୁଦ୍ଧା ତାର ତାଲା ଖୋଲାଯାଇ ନାହିଁ । ପରନ୍ତୁ ବିଭାଗୀୟ ଅଧିକାରୀ ଏଠାରେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାର ସବୁଠାରୁ ବଡ ବ୍ଲକ ଯେଉଁଠି ୩୯ଟି ପଂଚାୟତ ରହିଛି କିଭଳି ବିକାଶ ପ୍ରକ୍ରିୟା ଅନୁଶୀଳନ ହେଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବରଂ ନୂତନ କୋଠା ନିର୍ମାଣ ପରେ ଯତ୍ନ ଅଭାବରୁ ଖତ ଖାଉଛି । ଏତିଭଳି ଜିଲ୍ଲାର ଆଦିବାସୀ ବହୁଳ ବ୍ଲକରେ ଯଦି କାର୍ଯ୍ୟଶୈଳୀ ଚାଲେ ତେବେ ପାହାଡିଆ ଅଂଚଳ ପରିପୂର୍ଣ୍ଣ ବ୍ଲକ ଯେଉଁଠି ସମତଳ ଜମି ଅଭାବ ରହିଛି ସେଠାରେ ଜମିହୀନ ଲୋକଙ୍କ ପାଇଁ ଅର୍ଥନୈତିକ ବିକାଶ କିପରି ହେଉଥିବ ତାହା ଅନୁମେୟ । ଜିଲ୍ଲା ମତ୍ସ୍ୟ ଅଧିକାରୀ ନାରୋଦ ଚନ୍ଦ୍ର ନାଏକ କହିଛନ୍ତି ସେଠାରେ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ ହୋଇନାହିଁ । ଉପରୋକ୍ତ ବିଭାଗକୁ ଏହା ଯଥାଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ନୂପୁର ମାସିକ ନାଟ୍ୟ ଆସର ମଂଚ ଆନ୍ଦୋଳନର ଏକ ଭିନ୍ନ ପ୍ରୟାସ

ବ୍ରହ୍ମପୁର, ୦୧/୧୨ (ଆ.ପ୍ର) : ସାଂସ୍କୃତିକ ପ୍ରତିଷ୍ଠାନ 'ନୂପୁର'ର ମାସିକ ନାଟ୍ୟ ଆସର ସ୍ଥାନୀୟ ଗଞ୍ଜାମ କଳା ପରିଷଦ ସ୍ଥିତ କବିସୂର୍ଯ୍ୟ ରଙ୍ଗମଂଚ ଠାରେ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବରିଷ୍ଠ ଲୋକ ନାଟକ ଗବେଷକ ଡଃ. ବାୟାମନୁ ଚର୍ଚ୍ଚି ଏବଂ ବରିଷ୍ଠ ମଂଚ ମଣିଷ ନାଟ୍ୟକାର ବିପିନ ମହାପାତ୍ର ଅତିଥି ଭାବରେ ଯୋଗଦେଇ ନୂପୁରର ମାସିକ ନାଟ୍ୟ ଆସର ଆମ ମଂଚ ଆନ୍ଦୋଳନର ଏକ ଅଭିନବ ଓ ସାର୍ଥକ ରୂପରେଖ ରୂପେ ଅଭିହିତ କରିଥିଲେ । ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପାୟନ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ମଦନ ମିଶ୍ର ଏବଂ ଦକ୍ଷିଣ ଓଡ଼ିଶା ମଂଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣାଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ନୂପୁର ପରିଚାଳକ ସତ୍ୟ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ସୋପାନରେ କଳିଙ୍ଗ ନୃତ୍ୟଧାରା, ଅର୍ଚ୍ଚନା ଡ୍ୟାନ୍ସ ଏକାଡେମୀ ଓ ନୂପୁର ଅନୁଷ୍ଠାନର ଛାତ୍ରୀମାନେ ଓଡିଶୀ ନୃତ୍ୟ ଏବଂ ସୁଶ୍ରୀ ପ୍ରିତୀମଞ୍ଜରୀ, ଆଦିତ୍ୟ ସାହୁ, ସୁଦୀପ ସାହୁ, ରମେଶ ସେଠୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଡଃ. ସୋନାଲି ସାବତ, ମଞ୍ଜୁ ନାୟକ, ଅର୍ଚ୍ଚନା ପାତ୍ର, ପ୍ରିୟାଂଶା ନାୟକ, ମାଧବ ପାତ୍ର ପ୍ରମୁଖ ଗୁରୁମାନେ ନୃତ୍ୟ-ସଙ୍ଗୀତ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ତୃତୀୟ ସୋପାନରେ ସୁରଳ ସ୍ଥିତ 'ସୁହାନୀ କ୍ରିଏସନ୍' ନିବେଦିତ ତଥା ଡ଼ା. ତିରୁପତି ସାହୁ ନିର୍ଦ୍ଦେଶିତ ସାମାଜିକ ନାଟକ 'ଜୀବନ ସାଥୀ' ପରିବେଷଣ କରାଯାଇଥିଲା । ଏଥିରେ ଡ଼ା. ସାହୁ, ଦେବେନ୍ଦ୍ର ନାଥ ଶର୍ମା, ସୁବାସ ଚନ୍ଦ୍ର ସାହୁ ରୋଶନ, ଗଙ୍ଗାଧର ପାଣିଗ୍ରାହୀ, ଚାନ୍ଦାମାମା ବେହେରା ପ୍ରମୁଖ ଅଭିନୟ ମାଧ୍ୟମରେ ଉଭୟ ପତି-ପତ୍ନୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ଗୋଟିକର ଅବର୍ତମାନରେ ଅପରଟିର ଜୀବନ ଦୁର୍ବିସହ ହୋଇ ଉଠୁଥିବା କାହାଣୀକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ସ୍ୱରବିତ୍ତ୍ୱଧ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଙ୍ଗୀତ ମୂର୍ଚ୍ଛନାରେ ନାଟକଟି ଗତିଶୀଳ ହୋଇଥିଲା । ଯନ୍ତ୍ର ସଂଗୀତରେ ତାଙ୍କୁ ପି. ଶଙ୍କର, ରଜନୀ ବେହେରା ଏବଂ ସାଥୀ ସହଯୋଗ କରିଥିଲେ । ମଂଚ ପ୍ରସ୍ତୁତ କରିଥିଲେ ନଳିନୀକାନ୍ତ ଗୌଡ଼ ଏବଂ ସତ୍ୟ ମହାରଣା । ନାଟକ ପରିଚାଳନା କ୍ଷେତ୍ରରେ ଡ଼ା. ଏନ୍. ସୁରେଶ ଚୌଧୁରୀ, କୋରା ଗୌଡ଼, ନାଲୁ ନୀଳକଣ୍ଠ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଦୀପକ କୁମାର ପ୍ରଧାନ, ମହେନ୍ଦ୍ର କୁମାର ସାହୁ, ବଳରାମ ମହାପାତ୍ର, ପ୍ରଦୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ନାଟକଟି ଦର୍ଶକ ମହଲରେ ବିଶେଷ ଆଦୃତି ଲାଭ କରିଥିବା ପରିଦୃଷ୍ଟ ।

ପ୍ରଜ୍ଞାନ୍ ମିଶନ୍ ପକ୍ଷରୁ ଜିଲ୍ଲାସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା

ଜଗତସିଂହପୁର, ୦୧/୧୨ (ଆ.ପ୍ର) : ପ୍ରଜ୍ଞାନ୍ ମିଶନ୍ ପକ୍ଷରୁ ସପ୍ତମ ରାଜ୍ୟସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା ଉପଲକ୍ଷେ ଆଜି ଜଗତସିଂହପୁର ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଯୋଜକ ବାସବ ନନ୍ଦଙ୍କ ସଭାପତିତ୍ୱରେ ଏଥିରେ ଉଦ୍ଘାଟକ ଭାବେ ପ୍ରଜ୍ଞାନ୍ ମିଶନର ରାଜ୍ୟ ସଂଯୋଜକ ସ୍ୱାମୀ ଅନିର୍ବାଣ ନନ୍ଦ, ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ପ୍ରଦୀପ୍ତ କୁମାର ଶତପଥୀ ଯୋଗଦେଇ ପିଲାମାନଙ୍କୁ ଗୀତାର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ଦାସ କହିଥିଲେ, ପିଲାମାନଙ୍କ ଭିତରେ ଗୀତାକୁ ନେଇ ଉତ୍ସାହ ବଢ଼ିବା ଶୁଭ ଲକ୍ଷଣ । ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ । ପ୍ରତି ଘରେ ତଥା ପିଲାଙ୍କ ନିକଟରେ କିପରି ଭଗବତ ଗୀତା ଆଦୃତ ହେବ ସେ ଦିଗରେ କାର୍ଯ୍ୟ କରାଯିବ । ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପରମହଂସ ପ୍ରଜ୍ଞାନନ୍ଦଙ୍କ ନୀତି ଶିକ୍ଷା ସମ୍ପର୍କରେ କହିଥିଲେ । ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରାଂଚଳରୁ ମୋଟ ୯୦ ଜଣ କୃତି ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଚାରୋଟି ଗ୍ରୁପ୍ରେ ୧୨ ଜଣ ରାଜ୍ୟସ୍ତରକୁ ଉତୀର୍ଣ୍ଣ ହୋଇଛନ୍ତି । ଗ୍ରୁପ୍-ଏରେ ଅଂଶୁମାନ ନାୟକ, ଶୁଭାଶିଷ ରାଉତ, ଏସ୍କେ ଅହ୍ୟ ସ୍ୱରୂପ, ଗ୍ରୁପ୍ ବିରେ ଶ୍ରେୟାଶ୍ରୀ ସାହୁ, ଏମ୍ ସାଇକ୍ରୀର୍ଷା ଓ ଦ୍ୟୁତିଦୀପା ପ୍ରୁଷ୍ଟି, ଗ୍ରୁପ୍ ସିରେ ଜୟଶ୍ରୀ ସ୍ୱାଇଁ, ସରଣାଞ୍ଜଳି ଶାଶ୍ୱତ, ଅନନ୍ୟା ଶୁଭ ଦର୍ଶିନି ଏବଂ ଗ୍ରୁପ୍ ଡିରେ ଶୁଭଲକ୍ଷ୍ମୀ ସାହୁ, ଶ୍ରୁତି ତେଜସ୍ୱିନୀ ଦାଶ, ସ୍ୱତିରେଖା ଶତପଥୀ ପ୍ରମୁଖ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ବସନ୍ତ ଦାଶ, ଆରତୀ ତ୍ରିପାଠୀ, ଶ୍ରୀକାନ୍ତ ଶତପଥୀ, ସୁବାଷ ଚନ୍ଦ୍ର ବେହୁରା, ସବିତା ମହାନ୍ତି, ପ୍ରଭାମୟୀ ମିଶ୍ର, ବିଜୟ ବିଶ୍ୱାଳ, ସୁଦର୍ଶନ ନାୟକ, ନିରଞ୍ଜନ ପଣ୍ଡା, ବିନାୟକ ଉପାଧ୍ୟାୟ, ନବଘନ ମୃଦୁଳି, ନୟନା ନାୟକ ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । ଉଦଯାପନୀ ଉତ୍ସବରେ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଚୈତନ୍ୟ ଚରଣ ରାଉତ, ପ୍ରବୀର ମିଶ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଦେଇଥିଲେ ।ଅନୁଷ୍ଠାନର ବିଜୟ ରାଉତ, ରବୀନ୍ଦ୍ର ମିଶ୍ର, ଆଲୋକ ଖଟୁଆ, ପ୍ରଶାନ୍ତ କୁମାର ରାଉତ, ଗାୟତ୍ରୀ ରାଉତ, ଶୁଭଶ୍ରୀ ରାଉତ, ବିବେକାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଡିସେମ୍ବର ୨୬ରୁ ୨୮ ତିନିଦିନ ବ୍ୟାପୀ ପୁରୀ ଜିଲ୍ଲା ବାଲିଘାଇଠାରେ ହରିହରାନନ୍ଦ ଗୁରୁକୁଳ ପରିସରରେ ମେ ୩୦ଟି ଜିଲ୍ଲାର କୃତି ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ସୂଚନା ଦେଇଛନ୍ତି ।

ଡିସେମ୍ବର-୨୦୨୫ ମାସ ନିମନ୍ତେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର, ୦୧/୧୨ (ଆ.ପ୍ର) : ଚଳିତ ବର୍ଷ ୨୦୨୫ ଡିସେମ୍ବର ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଳଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଅଛି । ଜନ ସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ । ଚଳିତ ଡିସେମ୍ବର ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୧ । ୧୨ । ୨୦୨୫ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର ରେ, ତା ୦୮ । ୧୨ । ୨୦୨୫ ରିଖ (ସୋମବାର) ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ତା ୧୫ । ୧୨ । ୨୦୨୫ ରିଖ (ସୋମବାର) କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୨ । ୧୨ । ୨୦୨୫ ରିଖ (ସୋମବାର) ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ, ତା ୨୯ । ୧୨ । ୨୦୨୫ ରିଖ(ସୋମବାର) ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯଥାକ୍ରମେ ପୂର୍ବାହ୍ନ ଘ. ୧୦.୦୦ ଟିକା ସମୟରୁ ଅପରାହ୍ନ ଘ ୦୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଏଣୁ ଦଶରଥପୁର ବ୍ଲକ, କୋରେଇ ବ୍ଲକ୍, ବିଂଝାରପୁର ବ୍ଲକ, ବଡ଼ଚଣା ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଗଲା ।

୬ରେ ପ୍ରଦାନ କରାଯିବ ଏସଏସ୍ଆଇ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୧/୧୨ (ଆ.ପ୍ର) : କ୍ରୀଡା ବିଜ୍ଞାନ ଓ କ୍ରୀଡା ପ୍ରୋତ୍ସାହନ ସଂସ୍ଥା ଏସଏସ୍ଆଇ ଭୁବନେଶ୍ୱରରେ ଭାରତୀୟ କ୍ରୀଡାକୁ ନେଇ ଏକ ଉଲ୍ଲେଖନୀୟ ଉତ୍ସବ ପାଳନ କରିବାକୁ ଯାଉଛି । ଡ.ସାର୍ଥକ ପଟ୍ଟନାୟକ ଏବଂ ସୋମ୍ୟା ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏସଏସଆଇ ପକ୍ଷରୁ ଆସନ୍ତା ୬ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏସଏସ୍ଆଇ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ । ଏହାର ପରଦିନ ଅର୍ଥାତ୍ ଡିସେମ୍ବର ୭ ତାରିଖରେ କ୍ରୀଡ଼ା ବିଜ୍ଞାନ ସମ୍ମିଳନୀ (Sports Science Conclave) ଆୟୋଜନ କରାଯିବ । ପୁରସ୍କାର ପ୍ରଦାନ ସମାରୋହକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦଘାଟନ କରିବେ । ଏହି ଅବସରରେ କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ଅତିରିକ୍ତ ଡିଜି ତଥା ପରିବହନ କମିଶନର ଅମିତାଭ ଠାକୁର ଉଦଘାଟନ କରିବେ । ଏଥିରେ ୧୬ଜଣ ବିଶିଷ୍ଟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର କ୍ରୀଡା ବ୍ୟକ୍ତିତ୍ୱ ଏକତ୍ରିତ ହେବ, ଯେଉଁମାନଙ୍କ ମଧ୍ୟରୁ ଅନେକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଭ କରିସାରିଛନ୍ତି । ସେମାନଙ୍କର ଅଂଶଗ୍ରହଣ ଏସ୍ଏସ୍ଆଇ ସ୍ପୋର୍ଟସ୍ ନ୍ୟାସନାଲ ଆୱାର୍ଡସର ଏହି ସଂସ୍କରଣକୁ ରାଜ୍ୟରେ ଏଯାବତ୍ ଆୟୋଜିତ ହୋଇଥିବା ସବୁଠାରୁ ସମ୍ମାନଜନକ କ୍ରୀଡା ସମାବେଶ କରି ଗଢିତୋଳୁଛି ଏବଂ ଏହା ଭାରତର ଅଗ୍ରଣୀ କ୍ରୀଡା ସ୍ଥଳ ଭାବରେ ଓଡ଼ିଶାର ବର୍ଦ୍ଧିତ ଭୂମିକାକୁ ଉପସ୍ଥାପନ କରୁଛି । ସମ୍ମାନିତ ହେବାକୁ ଥିବା ପ୍ରମୁଖ କ୍ରୀଡା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭାରତୀୟ ଆଇସ୍ ହକି ଟିମ୍ ଅନ୍ତର୍ଭୁକ୍ତ, ଯାହା ବିଶ୍ୱର ଏହି ସବୁଠାରୁ କଷ୍ଟକର କ୍ରୀଡାରେ ନିଜର ମଜବୁତପଣ ଏବଂ ଅଦମ୍ୟ ଉତ୍ସାହକୁ ନେଇ ଭାରତର ପ୍ରତିନିଧିତ୍ୱ କରୁଛନ୍ତି । ଏହିସହିତ ରହିଛନ୍ତି ଭାରତର ଅନ୍ୟତମ ଉଜ୍ଜ୍ୱଳତମ ବ୍ୟାଡମିଂଟନ ପ୍ରତିଭା ଆୟୁଷ ସେଟ୍ଟି; ଆଇକନିକ୍ ସଟ୍-ପୁଟ୍, ଟ୍ରିପଲ ଅଲିମ୍ପିଆନ୍, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏବଂ ଭାରତୀୟ ଥ୍ରୋଇଂ ଇଭେଂଟଗୁଡ଼ିକର ଏକ ମଜବୁତ ସ୍ତମ୍ଭ ଶକ୍ତି ସିଂ; ଅଲିମ୍ପିଆନ୍ ସନ୍ତରଣକାରୀ ଏବଂ ଏକାଧିକ ଜାତୀୟ ରେକର୍ଡଧାରୀ ସଜନ ପ୍ରକାଶ; ଭାରତର ସର୍ବାଧିକ ଚର୍ଚ୍ଚିତ ଟେବୁଲ ଟେନିସ୍ ଚେହେରା ଅଚାନ୍ତ ଶରଥ କମଲ ଏବଂ ଜାତୀୟ ରେକର୍ଡଧାରୀ ହର୍ଡଲର ତଥା ଭାରତର ଅନ୍ୟତମ ଦ୍ରୁତତମ ଉଦୀୟମାନ ଟ୍ରାକ୍ ତାରକା ଜ୍ୟୋତି ଯାରାଜୀ । ଏମାନେ ସମସ୍ତେ ଉତ୍ସବରେ ଉପସ୍ଥିତ ରହିବ ସମ୍ମାନ ଗ୍ରହଣ କରିବା ସହିତ ପରବର୍ତ୍ତୀ ପିଢିଙ୍କୁ ଉତ୍ସାହ ଓ ପ୍ରେରଣା ଦେବେ । ଏହି କ୍ରୀଡାର ବହୁବିଧ ବିଭାଗ ଓ ଶୃଙ୍ଖଳାରେ ପ୍ରଦାନ କରାଯିବ । ପ୍ରଦାନ କରାଯିବାକୁ ଥିବା ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି କର୍ଣ୍ଣ ପୁରସ୍କାର, ମିଲଖା ସିଂ ସ୍ପ୍ରିଂଟ ପୁରସ୍କାର । ସେହିପରି ଦିଲୀପ ତିର୍କୀ ଏବଂ ଶକ୍ତି ସିଂଙ୍କ ନାମରେ ନାମିତ ପୁରସ୍କାର ଯଥାକ୍ରମେ ହକି ଓ ଥ୍ରୋଇଂ ଇଭେଂଟରେ କ୍ରୀଡା ବ୍ୟକ୍ତିତ୍ୱମାନଙ୍କୁ ପ୍ରଦାନ କରାଯିବ । ଏଥିସହିତ ତୃଣମୂଳ ସ୍ତରର କାର୍ଯ୍ୟ, କୋଚିଂ କ୍ଷେତ୍ରରେ ଅବଦାନ, କ୍ରୀଡା ବିଜ୍ଞାନରେ ନବସୃଜନ ଏବଂ ଜୀବନବ୍ୟାପୀ ସେବା ଆଦିରେ ଅନେକ ସମ୍ମାନ ଏହି ଅବସରରେ ପ୍ରଦାନ କରାଯିବ ।

ଗମ୍ଭୀର ଓ ଅଗରକରଙ୍କୁ ଜରୁରୀ ବୈଠକକୁ ଡାକିଲା ବିସିସିଆଇ

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ):ଭାରତୀୟ କ୍ରିକେଟ ଟିମର ମୁଖ୍ୟ କୋଚ ଗୌତମ ଗମ୍ଭୀର, ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଓ ଅନ୍ୟ କିଛି ବରିଷ୍ଠ ଅଧିକାରୀଙ୍କୁ ହଠାତ୍ ଜରୁରୀ ବୈଠକକୁ ଡାକିଛି ବିସିସିଆଇ । ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଦ୍ୱିତୀୟ ଦିନିକିଆ ଖେଳିବ । ଏହାପୂର୍ବରୁ ହିଁ ଜରୁରୀ ବୈଠକ ଡକାଯାଇଛି । କୌଣସି ଜରୁରୀ ପ୍ରସଙ୍ଗକୁ ତତ୍କାଳ ଆଲୋଚନା ଲକ୍ଷ୍ୟରେ ଏପରି ବୈଠକ ବିସିସିଆଇ ଡାକିଥିବା ଖବର ପ୍ରକାଶ ପାଇଛି । ଭାରତୀୟ କ୍ରିକେଟର ଟିମର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଉଭୟ କ୍ରମାଗତ ଦିନିକିଆରେ ଦମଦାର ପ୍ରଦର୍ଶନ କରି ଚାଲିଛନ୍ତି । ରୋହିତ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ମାରିଥିବା ବେଳେ ବିରାଟ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେଂଚୁରୀ ହାସଲ କରିଥିଲେ । ସମ୍ଭବତଃ ବିରାଟ ଓ ରୋହିତଙ୍କ ପ୍ରସଙ୍ଗରେ କିଛି ନିଷ୍ପତି ନେବାକୁ ବିସିସିଆଇ ଚାହୁଁଥିବାରୁ ଗମ୍ଭୀର ଓ ଅଗରକରଙ୍କୁ ନେଇ ବୈଠକ ଡାକିଛି । ସ୍ପୋର୍ଟସ୍ଷ୍ଟାରରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଜରୁରୀ ବୈଠକରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂହ ଭାଟିଆ, ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଜାତୀୟ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ସାମିଲ ହେବେ । ନୂଆ କରି ବିସିସିଆଇର ସଭାପତି ହୋଇଥିବା ମିଥୁନ ମନହାସ ବୈଠକରେ ଯୋଗଦେବେ କି ନାହିଁ, ସେକଥା ସ୍ପଷ୍ଟ ହୋଇନାହିଁ । ମ୍ୟାଚ ଦିନ ବୈଠକ ଡକାଯାଇଥିବାରୁ ରୋହିତ ଓ ବିରାଟଙ୍କ ଭଳି ବରିଷ୍ଠ ଖେଳାଳିଙ୍କୁ ବୈଠକକୁ ଡକା ଯିବାର ସମ୍ଭାବନା କମ ରହିଛି । ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ରିପୋର୍ଟରେ ଦାବି କରାଯାଇଛି ଯେ ଦଳରେ ଖେଳାଳିଙ୍କ ଚୟନରେ ସ୍ଥିରତା ରଖିବା ସହ ଭବିଷ୍ୟତ ଓ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଏପରି ବୈଠକ ଡକାଯାଇଛି । ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ଟିମର ନୈରାଶ୍ୟଜନକ ପ୍ରଦର୍ଶନର ମାନସମନ୍ଥନ ମଧ୍ୟ ବୈଠକରେ ହେବ । ଉଭୟ ଗମ୍ଭୀର ଓ ଅଗରକର ବୈଠକରେ ଯୋଗ ଦେବାର ଥିବାରୁ ବିସିସିଆଇ ସେମାନଙ୍କ ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ମଧ୍ୟ ଜାଣିବାକୁ ଲକ୍ଷ୍ୟ ରଖିଛି । ୨୦୨୬ରେ ଭାରତରେ ଟି-୨୦ ବିଶ୍ୱକପ ଖେଳାଯିବ । ସେହିପରି ୨୦୨୭ରେ ଦିନିକିଆ ବିଶ୍ୱକପ ରହିଛି । ତେଣୁ ଦଳରେ ଥିବା ସବୁ ପ୍ରକାରର ଦ୍ୱନ୍ଦ୍ୱକୁ ବିସିସିଆଇ ତୁରନ୍ତ ସମାଧାନ କରିବାକୁ ଚାହୁଁଥିବାରୁ ବୈଠକ ଡକାଯାଇଥିବା ଏହି ସୂତ୍ରରେ ଦାବି କରାଯାଇଛି ।

ପୁଟିନଙ୍କ ଭାରତ ଗସ୍ତ ଉପରେ ବିଶ୍ୱର ନଜର

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ପୂର୍ବରୁ, ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ପ୍ରତିରକ୍ଷା ଚୁକ୍ତିକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି । କ'ଣ ଭାରତ ଋଷ Su-57 ଯୁଦ୍ଧ ବିମାନ ଖରିଦ ସମ୍ପର୍କରେ ଏକ ବଡ଼ ନିଷ୍ପତି ନେବାକୁ ଯାଉଛି ନିକଟରେ ସମାପ୍ତ ଦୁବାଇ ଏୟାର ଶୋ ସମୟରେ, ଋଷର ରୋସୋବୋରନ୍ ଏକ୍ସପୋର୍ଟ କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଭାରତରେ Su-57 ନିର୍ମାଣ କରିବାକୁ ପ୍ରସ୍ତୁତ ଥିବା ଘୋଷଣା କରିଥିଲା । ଏହି ବର୍ଷ ପ୍ରାରମ୍ଭରେ, ବେଙ୍ଗାଲୁରୁରେ ଅନୁଷ୍ଠିତ ଏରୋ ଇଣ୍ଡିଆ ପ୍ରଦର୍ଶନୀ ସମୟରେ, ରୋସୋବୋରନ୍ ଏକ୍ସପୋର୍ଟ ମଧ୍ୟ ଏହାର ପଂଚମ ପିଢ଼ିର ଯୁଦ୍ଧ ବିମାନ (Su-57) ର ପ୍ରଯୁକ୍ତିବିଦ୍ୟା ଭାରତକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲା । ସେବେଠାରୁ, Su-57 କ୍ରୟ ଭାରତର ବିଚାରାଧୀନ ଅଛି । Su-57ର ଗୋଟିଏ କିମ୍ବା ଦୁଇଟି ସ୍କ୍ୱାଡ୍ରନ୍ କିଣିବ କି ଭାରତରେ ସେଗୁଡ଼ିକୁ ବହୁଳ ପରିମାଣରେ ନିର୍ମାଣ କରିବ ସେ ବିଷୟରେ ବିଚାର କରାଯାଉଛି । ସେହିପରି ଋଷର ସର୍ବାଧୁନିକ ତଥା ଘାତକ ଏସ-୫୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଖରିଦ ବିଷୟରେ ଘୋଷଣା ହୋଇପାରେ । କୁହାଯାଉଛି ଯେ ଋଷର ଏସ-୫୦୦ ମହାକାଶରେ ଅଳ୍ପ ଉଚ୍ଚତାରେ ଉଡୁଥିବା ସାଟେଲାଇଟକୁ ମଧ୍ୟ ନଷ୍ଟ କରିବାକୁ ସକ୍ଷମ । ଅପରେସନ ସିନ୍ଦୂର ସମୟରେ ଏସ-୪୦୦ର ଉଗ୍ରରୂପ ଦେଖିଥିବା ଭାରତର ଶତ୍ରୁମାନେ ଏସ-୫୦୦କୁ ନେଇ ଚିନ୍ତିତ ହେବା ସ୍ୱାଭାବିକ ।

ନବବିବାହିତ ଦମ୍ପତିଙ୍କ କାରକୁ ଧକ୍କା ଦେଲା ଟ୍ରକ, ୫ ଜଣଙ୍କର ମୃତ୍ୟୁ

ମୁମ୍ବାଇ, ୧/୧୨(ନ୍ୟୁ.ଏ): ମହାରାଷ୍ଟ୍ରର ସୋଲାପୁରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ମନ୍ଦିରକୁ ଦେବଦର୍ଶନ ପାଇଁ ତୁଳଜାପୁର ଯାଉଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଘଟଣାସ୍ଥଳରେ ପାଂଚ ଜଣଙ୍କର ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ, ଏକ ନବବିବାହିତ ଦମ୍ପତି, ସେମାନଙ୍କ ପରିବାରର କିଛି ସଦସ୍ୟଙ୍କ ସହିତ, ତୁଳଜାପୁରର ମନ୍ଦିର ଦର୍ଶନ ପାଇଁ କାରରେ ଯାତ୍ରା କରୁଥିଲେ । ଏହି ଦୁର୍ଘଟଣାରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ବାର୍ଶୀ ତହସିଲର ପାଙ୍ଗ୍ରି ଗାଁରେ ଏକ କାର ଏବଂ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି । ପାଙ୍ଗ୍ରି ଗ୍ରାମ ନିକଟ ଜାମ୍ବଲବେଟ ସେତୁରେ ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ମୃତକଙ୍କ ମଧ୍ୟରେ ଗୌତମ କାମଲେ, ଜୟା କାମଲେ, ସଞ୍ଜୟ ୱାଘମାରେ ଏବଂ ସାରିକା ୱାଘମାରେ ଅନ୍ତର୍ଭୁକ୍ତ । ଅନ୍ୟ ଜଣେ ମହିଳାଙ୍କ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଚାରି ଦିନ ପୂର୍ବରୁ ବିବାହ କରିଥିବା ଅନିକେତ ଗୌତମ କାମଲେ ଏବଂ ମେଘନା ଅନିକେତ କାମଲେ ଗୁରୁତର ଆହତ ହୋଇଛନ୍ତି । ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଚିକିତ୍ସା ପାଇଁ ବାର୍ଶୀର ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲା । ପ୍ରାଥମିକ ସୂଚନା ଅନୁଯାୟୀ, ଅନିକେତ ଏବଂ ମେଘନା ନଭେମ୍ବର ୨୬ ତାରିଖରେ ବିବାହ କରିଥିଲେ । ଦମ୍ପତି ସେମାନଙ୍କ ପରିବାର ସହ ମିଶି ତୁଳଜାପୁରରେ ଥିବା ଏକ ମନ୍ଦିରକୁ ଯାଉଥିଲେ । ସେତେବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା ।

ଇଣ୍ଡୋନେସିଆରେ ବନ୍ୟା ଏବଂ ଭୂସ୍ଖଳନର ତାଣ୍ଡବ: ମୃତ୍ୟୁ ସଂଖ୍ୟା ୫୦୦କୁ ବୃଦ୍ଧି

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ଇଣ୍ଡୋନେସିଆର ସୁମାତ୍ରାରେ ପ୍ରବଳ ବର୍ଷା ପରେ ଜଳ ପ୍ରଳୟ । କିଛି ଘଂଟା ଧରି ଲଗାତାର ବର୍ଷା ଯୋଗୁଁ ନଦୀଗୁଡିକରେ ବିପଦ ସଙ୍କେତ ଉପର ଦେଇ ଗତି କରୁଛି । ଏହା ସହ ପାର୍ବତ୍ୟ ଅଂଚଳରେ ବଡ଼ ଧରଣର ଭୂସ୍ଖଳନ ହେଉଛି । ଏହି ବିପର୍ଯ୍ୟୟ ତିନୋଟି ରାଜ୍ୟକୁ ସର୍ବାଧିକ ପ୍ରଭାବିତ କରିଛି । ତାହା ହେଲା ଉତର ସୁମାତ୍ରା, ପଶ୍ଚିମ ସୁମାତ୍ରା ଏବଂ ଆଚେ । ଏହି ସହର ସମ୍ପୂର୍ଣ୍ଣ ଭାବରେ ବାହ୍ୟଜଗତଠାରୁ ବିଚ୍ଛିନ୍ନ ହୋଇଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା (ଇଏନପିବି)ର ମୁଖ୍ୟ ସୁହାର୍ୟାନ୍ତୋ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଏପର୍ଯ୍ୟନ୍ତ ୫୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି । ହଜାର ହଜାର ଲୋକ ବାସହୀନ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଉତର ସୁମାତ୍ରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଥିରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୫୩ ଜଣ ନିଖୋଜ ଅଛନ୍ତି । ପଶ୍ଚିମ ସୁମାତ୍ରାରେ ୯୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୮୫ ଜଣ ନିଖୋଜ ଅଛନ୍ତି । ଆଚେରେ ୪୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୧ ଜଣ ନିଖୋଜ ଅଛନ୍ତି । ଅଧିକାରୀଙ୍କ କହିବା ଅନୁସାରେ, ପ୍ରବଳ ବର୍ଷା ପରେ ନଦୀଗୁଡିକ ବିପଦ ସଙ୍କେତ ଦେଇ ଗତି କରୁଛନ୍ତି । ଯାହାଫଳରେ ବହୁ ଗାଁ ସମ୍ପୂର୍ଣ୍ଣ ବୁଡି ଯାଇଛି । ଲାଗୁଛି ଯେପରି ପୁରା ନକ୍ସାରୁ ଗାଏବ ହୋଇଯାଇଛି । ମୁଖ୍ୟ ରାସ୍ତା ଓ ବ୍ରିଜ୍ ଭାଙ୍ଗିବା କାରଣରୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଛି । ରାଷ୍ଟ୍ରପତି ପ୍ରବୋଓ ସୁବିଆଂଟୋ ପ୍ରଭାବିତ ଅଂଚଳର ଆକାଶ ମାର୍ଗରେ ସର୍ଭେ କରିଥିଲେ । ଏହାପରେ ଅଧିକାରୀମାନଙ୍କୁ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ସରକାର ଅନ୍ତର୍ଜାତୀୟ ସହାୟତା ଗ୍ରହଣ କରିଛନ୍ତି । ଅନେକ ଦେଶ ତୁରନ୍ତ ରିଲିଫ୍ ସାମଗ୍ରୀ ଏବଂ ଉଦ୍ଧାର ଦଳ ପଠାଇବାକୁ ପ୍ରସ୍ତାବ ଦେଇଛନ୍ତି ।

ମହାରାଷ୍ଟ୍ର ରାଜନୀତିରେ 'ଅଲ୍ ଇଜ୍ ନଟ୍ ୱେଲ'

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସହଯୋଗୀ ବିଜେପି ସହ ଚାଲିଥିବା ଲଢ଼େଇରେ ତାଳି ପକାଇବାକୁ ଉଦ୍ୟମ କରିଛନ୍ତି । ମହାରାଷ୍ଟ୍ରର ଆଗାମୀ ପୌର ପରିଷଦ ଓ ନଗର ପଂଚାୟତ ନିର୍ବାଚନରେ ଶିବସେନା ଓ ବିଜେପି ପରସ୍ପର ମଧ୍ୟରେ ପ୍ରାର୍ଥୀ ଦେଇଛନ୍ତି । ଉଭୟ ଏକାଠି ମହାରାଷ୍ଟ୍ରରେ ସରକାର ଗଠନ କରିଥିବା ବେଳେ ସ୍ଥାନୀୟ ସଂସ୍ଥାର ନିର୍ବାଚନରେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ସମସ୍ତଙ୍କୁ ଚକିତ କରିଛି । ଏହାକୁ ନେଇ ବିବାଦ ଦେଖା ଦେଇଥିବା ବେଳେ ବଡ଼ ବୟାନ ଦେଇଛନ୍ତି ଶିବସେନା ମୁଖ୍ୟ ତଥା ଉପ ମୁଖ୍ୟମନ୍ତ୍ରୀ ସିନ୍ଦେ । ସେ ମେଂଟର ଧର୍ମ ପାଳନ କରିବା ପାଇଁ ସମସ୍ତ ସହଯୋଗୀଙ୍କୁ ଆହ୍ୱାନ ଦେଇଛନ୍ତି । ତାଙ୍କ କହିବା କଥା ଯେ ଲୋକାଲ ବଡି ନିର୍ବାଚନ ଦଳୀୟ କର୍ମୀଙ୍କ ନିର୍ବାଚନ ଓ ଶିବସେନା କ୍ଷମତାସୀନ ମହାଯୁତି ସହଯୋଗୀଙ୍କ ବିରୋଧରେ ପ୍ରଚାର କରିବ ନାହିଁ ବୋଲି ସେ କହିଛନ୍ତି । ଗୋଟିଏ ସାକ୍ଷାତକାରରେ ଶିବସେନା ମୁଖ୍ୟ ସିନ୍ଦେ ନିଶ୍ଚିତ କରିଛନ୍ତି ଯେ ଦଳର ନେତା ଓ କର୍ମୀମାନେ ସ୍ଥାନୀୟ ସଂସ୍ଥାର ନିର୍ବାଚନ ପାଇଁ ପ୍ରଚାର କରିବା ବେଳେ କେବେ ହେଲେ ଅତ୍ୟନ୍ତ ନିନ୍ଦନୀୟ ବୟାନ ଦେବେ ନାହିଁ । ସେ କହିଛନ୍ତି, "ଭିନ୍ନ ଭିନ୍ନ ପ୍ରସଙ୍ଗରେ ଆମେ ଆମ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛୁ । ଆମେ କେବେ ହେଲେ ନିନ୍ଦନୀୟ ବୟାନ ଦେଇ ନାହୁଁ କିମ୍ବା ଦେବୁ ନାହିଁ । ଆମ ଏଜେଣ୍ଡା ହେଲା ବିକାଶ । ଆମେ ଆମ ସହଯୋଗୀଙ୍କ ବିରୋଧରେ ପ୍ରଚାର କରୁ ନାହୁଁ । କିନ୍ତୁ ହଁ, ସମସ୍ତେ ମେଂଟର ଧର୍ମକୁ ପାଳନ କରିବା ଉଚିତ । ଶିବସେନା ଓ ବିଜେପି ଏକାଠି ଗୋଟିଏ ମେଂଟ କରିବେ ଓ ପ୍ରତିଟି ନିଗମରେ କେମିତି କ୍ଷମତାକୁ ଫେରିବେ, ସେହି ଭୂମିକା ହେଉଛି ଆମର ।" ବିଜେପି ଓ ଶିବସେନା କର୍ମୀମାନେ ପରସ୍ପର ବିରୋଧରେ ବୟାନ ଦେବା ଓ ଏହି ବନ୍ଧୁତ୍ୱ ପୂର୍ଣ୍ଣ ଲଢ଼େଇର ପ୍ରଭାବ କ'ଣ କ୍ଷମତାସୀନ ମହାଯୁତି ଉପରେ ପଡ଼ିବ ନାହିଁ କି ପ୍ରଶ୍ନର ଉତରରେ ସିନ୍ଦେ କହିଛନ୍ତି ଯେ ସ୍ଥାନୀୟ ସଂସ୍ଥା ନିର୍ବାଚନ ଗୋଟିଏ ପ୍ରତିଯୋଗିତା ନୁହେଁ । ସେ କହିଛନ୍ତି, "କିଛି ସ୍ଥାନରେ ଆମେ ଏକାଠି ଲଢ଼ିଛୁ ଓ କିଛି ସ୍ଥାନରେ କର୍ମୀଙ୍କ ଭାବନା, ସ୍ଥାନୀୟ ସ୍ଥିତି ଓ ରଣନୀତି ଯୋଗୁ ଆମେ ଅଲଗା ଅଲଗା ନିର୍ବାଚନ ଲଢୁଛୁ । ଏହି କର୍ମୀମାନେ ଆମ ସାଂସଦ ଓ ବିଧାୟକଙ୍କ ଦ୍ୱାରା ଚୟନ ହୋଇଥାଆନ୍ତି । ଆମେ ପୂର୍ବରୁ ହିଁ ଲୋକସଭା ଓ ବିଧାନସଭା ସ୍ତରରେ ସରକାର ଚଳାଉଛୁ । ଯେହେତୁ ଏସବୁ ଦଳୀୟ କର୍ମୀଙ୍କ ନିର୍ବାଚନ, ସେମାନେ ନିଶ୍ଚିତ ଭାବେ ଚାହିଁବେ ସେମାନଙ୍କ ନେତାମାନେ ପ୍ରଚାର ପାଇଁ ଆସନ୍ତୁ । ତେଣୁ ଆମେ ଯେଉଁଠିକୁ ଯିବା ସମ୍ଭବ, ସେଠାକୁ ଯାଉଥାଉ ।" ଏପରି ବୟାନ ଦେଇ ସେ ବିଜେପି ଓ ଶିବସେନା ମଧ୍ୟରେ ରହିଥିବା ଫାଟରେ ତାଳି ପକାଇବାକୁ ଯଥା ସମ୍ଭବ ଚେଷ୍ଟା କରିଛନ୍ତି । ସିନ୍ଦେ ମହାଯୁତିର ଐତିହାସିକ ଗୁରୁତ୍ୱ ଉପରେ ମଧ୍ୟ ମତ ରଖିଛନ୍ତି । ସେ କହିଛନ୍ତି, "ଆମେ ମେଂଟ(ବିଜେପି ଓ ଶିବସେନା) ମେଂଟ ବେଶ ପୁରୁଣା । ବାଲାସାହେବ ଠାକରେ, ଅଟଳ ବିହାର ବାଜପେୟୀ ଓ ଏଲକେ ଆଡଭାନୀଙ୍କ ଯୁଗରୁ ଏହି ମେଂଟ ରହିଛି । ଏହା ବିଚାରଧାରାର ମେଂଟ । ଆମର ମୂଳ ବିଚାରଧାରା ହେଉଛି ସମସ୍ତଙ୍କ ବିକାଶ । ଯଦି ବିହାରରେ ଏନଡିଏ ଏକାଠି ରହିଛି, ତା'ହେଲେ ଦେଶବ୍ୟାପୀ ଏହା ସଶକ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଡିଏକୁ ଉଚ୍ଚତମ ସ୍ଥାନକୁ ନେଇଛନ୍ତି । ଦେଶ ସାରା ସଫଳତା ପାଇବା ଗୋଟିଏ ବଡ଼ କଥା । ଏପରି ସ୍ଥିତିରେ ପଦପଦବୀ ଓ ବିଭାଗ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆମ ଏଜେଣ୍ଡା ପୂରା ସ୍ପଷ୍ଟ ଓ ଏହା କେବଳ ବିକାଶ ।" ମଙ୍ଗଳବାର ମହାରାଷ୍ଟ୍ରର ୨୪୨ଟି ପୌର ପରିଷଦ ଓ ୪୬ଟି ନଗର ପଂଚାୟତ ପାଇଁ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ ।

ସଂସଦରେ ପୋଷା କୁକୁରକୁ ଧରି ପହଂଚିଲେ ରେଣୁକା ଚୌଧୁରୀ ଦେଖାଦେଇଛି ବିବାଦ

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ପୋଷା କୁକୁରକୁ ସାଥିରେ ଧରି ସଂସଦ ଭବନରେ ପହଂଚିଲେ ସାଂସଦ । ସଂସଦର ଶୀତକାଳୀନ ଅଧିବେଶନ ଆଜି (ସୋମବାର) ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରୁ ହିଁ ବିବାଦରେ ଫସିଛନ୍ତି କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ । ସେ ତାଙ୍କ ପୋଷା କୁକୁର ସହିତ ତାଙ୍କ କାରରେ ସଂସଦରେ ପହଂଚିଥିଲେ । ତାଙ୍କ ଆସିବାର ଏକ ଭିଡିଓ ଏବେ ଭାଇରାଲ ହୋଇଛି, ଯାହାକୁ ନେଇ ରାଜନୈତିକ ମହଲରେ ନିନ୍ଦା ଓ ସମାଲୋଚନା ଆରମ୍ଭ ହୋଇଛି । ବିଜେପି ଏହାକୁ ସଂସଦର ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କହି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଆଉ ଯେତେବେଳେ ଗଣମାଧ୍ୟମ ପ୍ରତିନିଧି ମାନେ ସାଂସଦ ରେଣୁକା ଚୌଧୁରୀଙ୍କୁ ଏହି ଘଟଣା ବିଷୟରେ ପ୍ରଶ୍ନ କରିଥିଲେ, ସେ ପାଲଟା ଜବାବ ଦେଇ କହିଥିଲେ ଯେ, ଏହି ଘଟଣାକୁ ଅଯଥାରେ ଚର୍ଚ୍ଚାକୁ ଅଣାଯାଉଛି । ସେ କହିଥିଲେ, 'ଏଥିରେ କ'ଣ ସମସ୍ୟା ? ଯଦି ଏକ ମୂକ ପଶୁ ଭିତରକୁ ପଶିଯାଏ ତେବେ ବଡ଼ କଥା କ'ଣ ହେବ ? ଏହା ଛୋଟ, କାମୁଡ଼ିବା ଭଳି ନୁହେଁ । ସଂସଦ ଭିତରେ ଅନ୍ୟ ଲୋକ ଅଛନ୍ତି ଯେଉଁମାନେ କାମୁଡ଼ି ପାରିବେ ।ତେବେ ତାଙ୍କର ଏବି ବକ୍ତବ୍ୟ ବିବାଦକୁ ଆହୁରି ଖୋରାକ ଯୋଗାଇଛି । ବିରୋଧୀ ଦଳ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟର ମଧ୍ୟ ଜବାବ ଦେଇଛନ୍ତି ରେଣୁକା ଚୌଧୁରୀ ।

ଦିଲ୍ଲୀ ପରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ଭୟଙ୍କର ବାୟୁ ପ୍ରଦୂଷଣ, ଲାଗୁ ହେଲା ଗ୍ରାପ୍-୪

ନୂଆଦିଲ୍ଲୀ, ୧/୧୨(ନ୍ୟୁ.ଏ): ଦିଲ୍ଲୀ ଓ ମୁମ୍ବାଇ ଭଳି ଦେଶର ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ସ୍ତର ବିପଦଜନକ ରୂପ ନେଇଛି । ସ୍ଥିତି ଏତେ ଭୟଙ୍କର ହୋଇଛି ଯେ, ନିଶ୍ୱାସ ନେବା ମଧ୍ୟ କଷ୍ଟକର ହୋଇଯାଇଛି । ବୟସ୍କ ଓ ଶିଶୁଙ୍କ ପାଇଁ ଏହା ସବୁଠାରୁ ଅଧିକ ବିପଦ ପାଲଟିଛି । ଦିଲ୍ଲୀ ପରେ ଏବେ ମୁମ୍ବାଇର ବହୁ ଗ୍ରାପ୍-୪ କଟକଣା ଲାଗୁ କରାଯାଇଛି । ଦିଲ୍ଲୀ ଭଳି ମୁମ୍ବାଇରେ ମଧ୍ୟ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ ବା ଗ୍ରାପ୍-୪ କଟକଣା ଲାଗୁ ହୋଇଛି । ମଝଗାଓଁ, ଦେଓନାର, ମଲାଡ, ବୋରିଭଲି ଇଷ୍ଟ, ଚକଲା-ଅନ୍ଧେରୀ ଇଷ୍ଟ, ନେଭି ନଗର, ପଉଇ ଓ ମୁଲୁଣ୍ଡ ସହିତ ଆଖପାଖର ଅଂଚଳରେ ସର୍ବାଧିକ ବାୟୁ ପ୍ରଦୂଷଣ ସ୍ତର ରହିଛି । ଲୋକଙ୍କୁ ନିଶ୍ୱାସ ନେବାରେ କଷ୍ଟ ହେଉଥିବା ବେଳେ ଆଖି ଜଳାପୋଡା ଏବଂ ଗଳା ଖରାପ ହେବା ଭଳି ସମସ୍ୟା ଦେଖିବାକୁ ମିଳୁଛି । ସେପଟେ ଦିଲ୍ଲୀରେ ମଧ୍ୟ ଏକ୍ୟୁଆଇ ୪୦୦ ପାର କରିଛି । ବିଏମସି ଏହି ଅଂଚଳରେ ନିର୍ମାଣ କାର୍ଯ୍ୟ ଓ ଧୂଳି ଉଡାଉଥିବା ଗତିବିଧି ଉପରେ କଟକଣା ଲଗାଇ ଦେଇଛି । ୫୦ ରୁ ଅଧିକ ନିର୍ମାଣ ସ୍ଥଳର କାମ ରୋକିବାର ନୋଟିସ୍ ଜାରି କରାଯାଇଛି । ବେକରୀ, ମାର୍ବଲ କଟିଂ ୟୁନିଟ୍ ସହିତ ଛୋଟ ଉଦ୍ୟୋଗ ସ୍ଥଳକୁ ସଫାସୁତରା ରଖିବାକୁ କୁହାଯାଇଛି । ଏହା ନମାନିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ । ପ୍ରଦୂଷଣ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ଫ୍ଲାଇଂ ସ୍କ୍ୱାର୍ଡ ମୁତୟନ କରାଯାଇଛି । ଇଞ୍ଜିନିୟର, ପୋଲିସକର୍ମୀ ଓ ଜିପିଏସ୍ ଟ୍ରାକ୍ କରୁଥିବା ବାହନ ଜରିଆରେ ସବୁ ଗତିବିଧି ଉପରେ ବିଏମସି କଡା ନଜର ରଖିଛି । ସେପଟେ ଦିଲ୍ଲୀରେ ମଧ୍ୟ ଗ୍ରାପ୍-୪ କଟକଣା ଲାଗୁ ହୋଇଛି । ଦିଲ୍ଲୀ ସମେତ ପୁରା ଏନସିଆରରେ ବିଏସ୍-୩ ଓ ବିଏସ୍-୪ ଡିଜେଲ କାର ଉପରେ ରୋକ ଲଗାଯାଇଛି । ଦଶମ ଓ ଦ୍ୱାଦଶ ଶ୍ରେଣୀକୁ ଛାଡି ଅନ୍ୟ ଶ୍ରେଣୀର ପିଲାଙ୍କୁ ହାଇବ୍ରିଡ୍ ମଡେଲରେ ପଢାଇବାର ପରାମର୍ଶ ଦିଆଯାଇଛି । ପ୍ରାଇଭେଟ୍ କମ୍ପାନୀକୁ ୱାର୍କଫ୍ରମ ହୋମ୍ ଓ ସରକାରୀ ଅଫିସରେ ୫୦% କର୍ମଚାରୀଙ୍କୁ ୱାର୍କଫ୍ରମ ହୋମ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀରେ ଟ୍ରକ ଏଂଟ୍ରିକୁ ମଧ୍ୟ ବ୍ୟାନ୍ କରି ଦିଆଯାଇଛି । ହାଇୱେ ଓ ଫ୍ଲାଇଓଭର ଭଳି ସାର୍ବଜନୀନ ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇ ଦିଆଯାଇଛି । ଏହା ସହ ଗ୍ରାପ୍-୪ ବେଳେ ଇନଫ୍ରାଷ୍ଟ୍ରକଚର ସମ୍ପର୍କିତ ଗତିବିଧି ଉପରେ ମଧ୍ୟ କଟକଣା ଲାଗୁ ହୋଇଛି । ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ବା ପିଏମ୍ଓ ପକ୍ଷରୁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପ୍ରଦୂଷଣ ପ୍ରମୁଖ କାରଣ ଜାଣିବାକୁ ନିର୍ଦ୍ଦେଶ ଦିଆଯାଇଛି । ପିଏମ୍ଓ ପକ୍ଷରୁ କୁହାଯାଇଛି, ବାୟୁ ପ୍ରଦୂଷଣ ସ୍ତର ବଢିବାର କାରଣ ହେଉଛି ଧୂଳି । ତେଣୁ ସହର ଓ ଆଖପାଖର ଗ୍ରାମୀଣ ଅଂଚଳର ସଡକକୁ ସୁଧାରିବାର କାମ କରାଯାଉ । ଯାହାଫଳରେ ବାହନରୁ ଉଡାଉଥିବା ଧୂଳି କମ୍ ହୋଇଯିବ । ଏହାଛଡା ସଡକ କଡ଼ରେ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das